## ଦେବଗଡ଼ରେ ବିଜେଡି ଆଗୁଆ

ଦେବଗଡ଼,(ଡି.ଏନ୍.ଏ.): ଦେବଗଡ଼ ଜିଲାରେ ଦ୍ୱିତୀୟ ଦିନରେ ତିଲେଇବଣୀ ବ୍ଲକର ୨ନଂ ଜିଲା ପରିଷଦ ଜୋନ, ବାରକୋଟ ଓ ରିଆମାଳ ବ୍ଲକର ୨ନଂ ଜିଲା ପରିଷଦ ଜୋନରେ ଗଣତି ହୋଇଥିଲା। ସବୁ ଜିଲା ପରିଷଦ ଆସନରେ ବିଜେଡି ଆଗରେ ରହିଛି। ତିଲେଇବଣୀ ବ୍ଲକର ୨ନଂ ଜିଲା ପରିଷଦ ଜୋନର ବିଜେଡ଼ିର ପୁଷ୍ପାଞ୍ଜଳି ସାମଲ ଭାଜପାର ସସ୍ମିନ ପଣ୍ଡାଙ୍କଠାରୁ ୧୧୩୩୬ ଭୋଟରେ ଆଗରେ ଅଛନ୍ତି। ସେହିପରି ବାରକୋଟ ଜୋନ ୨ରେ ବିଜେଡିର ସମରେନ୍ଦ୍ର ଜାତ ଭାଜପାର ଫକିର ମୋହନ ପ୍ରଧାନଙ୍କଠାରୁ ୪୮୩୦ ଅଧିକ ଭୋଟରେ ଆଗରେ ଅଛନ୍ତି। ରିଆମାଳ ଜୋନ ୨ରେ ବିଜେଡିର ବାସନ୍ତୀ ବେହେରା ଭାଜପାର ପଲ୍ଲିଶ୍ରୀ ବେହେରାଙ୍କଠାରୁ ୬୪୦୭ ଖଣ୍ଡ ଭୋଟ ଅଧିକ ପାଇ ଆଗରେ ଅଛନ୍ତି।

### ସଂକ୍ଷେପରେ

## ତ୍ରୁଟିପୂର୍ଣ୍ଣ ଚିକିତ୍ସା, ରୋଗୀଙ୍କ ମୃତ୍ୟୁ ଅଭିଯୋଗ

ଲୋଇସିଂହା,୨୭।୨(ଡି.ଏନ.ଏ): ତ୍ରିଟିପୂର୍ଣ୍ଣ ଚିକିତ୍ସା ଯୋଗୁ ବଲାଙ୍ଗୀର ଜିଲା ଲୋଇସିଂହା ଡାକ୍ତରଖାନାରେ ଶନିବାର ସନ୍ଧ୍ୟାରେ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୋପଲପୁର ଗାଁର ବ୍ରଜବିହାରୀ ସାହୁ (୪୫)। ଏହାକୁ ନେଇ ଡାକ୍ତରଖାନାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଲୋଇସିଂହା ପୋଲିସ ଡାକ୍ତରଖାନାରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ । ଅପରପକ୍ଷେ ମୃତଦେହ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ବ୍ୟବଚ୍ଛେଦ କରି ରବିବାର ପୋଲିସ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି । ହୀରାପୁର ପଞ୍ଚାୟତ ଅନ୍ତର୍ଗତ ଗୋପାଳପୁର ଗାଁର ବ୍ରଜବିହାରୀ ସାହୁଙ୍କ ପେଟ ଦରଜ ଓ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଲୋଇସିଂହା ଡାକ୍ତରଖାନକୁ ଚିକିତ୍ସା ପାଇଁ ଆସିଥିଲେ। ଡାକ୍ତର ମାନସି ଥଏଡ ସ୍ୱାସ୍ଥ୍ୟ ପରୀକ୍ଷା ଔଷଧ ଦେବା ସହ ଇଞ୍ଜେକେଶନ ନେବାକୁ ପରାମର୍ଶ ଦେଇ ଘରକୁ ଚାଲି ଯାଇଥିଲେ। ଇଞ୍ଜେକଶନ ନେଲା ପରେ ବ୍ରଜବିହାରୀ ଗୁରୁତର ହୋଇପଡିଥିଲେ । ଡାକ୍ତର ବିଳମ୍ବରେ ଆସିଲା ବେଳକୁ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା ଏହାକୁ ନେଇ ଡାକ୍ତରଖାନରେ ମୃତକଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ପୂର୍ବତନ ଏମ୍ପି ବାଳଗୋପାଳ ମିଶ୍ର ଡାକ୍ତରଖାନାରେ ପହଞ୍ଚି ଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ଅବ୍ୟବସ୍ଥା, ଇସିଜି ମେଶିନ ଥାଇ ମଧ୍ୟ ବ୍ୟବହାର ନ କରିବା, ଏବଂ ରୋଗୀ ମୃତ୍ୟୁକୁ ନେଇ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ମିଶ୍ର ଦାୟୀ କରିଥିଲେ। ଦାୟି ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସ ନିକଟରେ ଦାବି କରିଥିଲେ। ଏହାକୁ ନେଇ ମୃତକଙ୍କ ପରିବାର ପକ୍ଷରୁ ଲୋଇସିଂହା ଥାନରେ ଏତଲା ଦିଆଯାଇଛି।

# ହେଭିୱେଟ୍‌ଙ୍କ ଗଡ଼ ଭାଙ୍ଗିଦେଲା ବିଜେଡି

ବଲାଙ୍ଗୀର ଅଫିସ, ୨୭।୨

- ଗଣତାନ୍ତ୍ରିକ ଉପାୟରେ ଲୋକେ ଏକଚ୍ଛତ୍ରବାଦକୁ ସମର୍ଥନ କରିଛନ୍ତି: ନରସିଂହ
- ଲୋକେ ସୁଶାସନ ଚାହୁଁନାହାନ୍ତି, ଟଙ୍କା ଚାହୁଁଛନ୍ତି: କନକ ବର୍ଦ୍ଧନ

ବଲାଙ୍ଗୀର ଜିଲାର ଦୁଇ ହେଭିୱେଟ୍ କଂଗ୍ରେସ ଦଳର ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଓ ଭାଜପାର କନକ ବର୍ଦ୍ଧନ ସିଂଦେଓଙ୍କ ଗଡ଼ରେ ଚଳିତ ପଞ୍ଚାୟତ ନିର୍ବାଚନରେ ବିଜେଡି ବାଜିମାତ୍ କରିଛି। ୨୦୧୭ ପଞ୍ଚାୟତ ନିର୍ବାଚନରେ ଭାଜପା ପକ୍ଷରୁ ବଲାଙ୍ଗୀରରେ ଜିଲା ପରିଷଦ ଗଠନ କରାଯାଇଥିଲା। ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ଓ ଏମ୍ପି ସଙ୍ଗୀତା କୁମାରୀ ସିଂଦେଓଙ୍କ ନେତୃତ୍ୱରେ ୩୪ ଜିଲା ପରିଷଦ ଆସନରୁ ୨୩ ଆସନ ଅକ୍ତିଆର କରି ଭାଜପା ଶକ୍ତି ପ୍ରଦର୍ଶନ କରିଥିଲା। ଗତ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ବିଶେଷ ଭଲ ପ୍ରଦର୍ଶନ କରିପାରି ନ ଥିଲେ ମଧ୍ଧ ଦୁଇଟି ଜିଲା ପରିଷଦ ଆସନରେ ଦଳୀୟ ପ୍ରାର୍ଥୀ ବିଜୟୀ ହୋଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଓ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ବିଜୟୀ ହୋଇ କଂଗ୍ରେସର ଶକ୍ତି ପ୍ରଦର୍ଶନ କରିଥିଲେ। ତେବେ ଚଳିତ ପଞ୍ଚାୟତ ନିର୍ବାଚନରେ ଜିଲାର ରାଜନୈତିକ ଚିତ୍ର ସମ୍ପୂର୍ଣ୍ଣ ଓଲଟପାଲଟ ହୋଇଯାଇଛି। ପ୍ରଥମ ଦିନ ଭୋଟ ଗଣତି ପରେ ୧୪ ଜିଲା ପରିଷଦ ଆସନରୁ ୧୨ଟିରେ ବିଜେଡି ବାଜିମାତ୍‌କରିଛି। ଗୋଟିଏ ସିଟ୍‌ରେ ଭାଜପା ଓ ଅନ୍ୟ ଗୋଟିଏରେ କଂଗ୍ରେସ ସୀମିତ ରହିଛି। ସବୁଠୁ ଚକିତ କଲାଭଳି କନକଙ୍କ ଗଡ଼ କୁହାଯାଉଥିବା ପାଟଣାଗଡ଼ ନିର୍ବାଚନ ମଣ୍ଡଳୀରେ ବିଜେଡି ବାଜିମାତ୍ କରିଛି।

ପ୍ରଥମ ପର୍ଯ୍ୟାୟ ଭୋଟ ଗଣତି ପରେ ପାଟଣାଗଡ଼, ଖପ୍ରାଖୋଲ ଓ ବେଲପଡ଼ାର ଘୋଷିତ ତିନି ଆସନରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ଗଣତିରେ ବିଜେଡି ପ୍ରାର୍ଥୀ ଆଗୁଆ ରହିଛନ୍ତି। ଏଭଳି ଏକ ପରିସ୍ଥିତିକୁ ନେଇ ବରିଷ୍ଠ ଭାଜପା ନେତା କନକ ବର୍ଦ୍ଧନ ସିଂଦେଓଙ୍କୁ ପଚରାଯିବାରୁ ସେ କହିଛନ୍ତି ଯେ, ପଞ୍ଚାୟତ ନିର୍ବାଚନ ଫଳାଫଳ ଯାହା, ତାକୁ ଗ୍ରହଣ କରିବାକୁ ପଡ଼ିବ। ଏବେ ଆମର ଦୁର୍ବଳତା କେଉଁଠି ଥିଲା, କେଉଁ କାରଣରୁ ଆମେ ଏପ୍ରକାର ପରିସ୍ଥିତିରେ ପଡିଲୁ ସେ ନେଇ ବିଚାର କରାଯିବ। ତେବେ ଗୋଟିଏ କଥା କହିବି, ଲୋକମାନେ ଗୋଟିଏ କଥା କହୁଛନ୍ତି ଓ ଆଉ ଗୋଟିଏ କରୁଛନ୍ତି। ଲୋକେ ଗଣତନ୍ତ୍ରକୁ ଆଉ ବିଶ୍ୱାସ କରୁନାହାନ୍ତି। ଲୋକେ ସବୁ ଜିନିଷ ବିକ୍ରିଯୋଗ୍ୟ ବୋଲି ଭାବୁଛନ୍ତି। ଲୋକେ ସୁଶାସନ ନୁହେଁ, ଟଙ୍କା ଚାହୁଁଛନ୍ତି। ଯିଏ ଯେତେ ଅଧିକ ଦେଲା ସିଏ ଜିତୁଛି ବୋଲି ସେ କହିଛନ୍ତି।

ଗତ ପଞ୍ଚାୟତ ନିର୍ବାଚନରେ ବଲାଙ୍ଗୀର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୪ ଜିଲା ପରିଷଦ ଆସନରୁ କଂଗ୍ରେସ ଗୋଟିଏ ସିଟ୍ ଜିତିଥିଲା। ଚଳିତ ପଞ୍ଚାୟତ ନିର୍ବାଚନରେ ଏହି ୪ ଆସନରୁ ୨ଟିରେ ବିଜେଡି ଜିତିସାରିଥିବାବେଳେ ଅନ୍ୟ ଦୁଇଟିରେ ବିଜେଡି ପ୍ରାର୍ଥୀ ଆଗୁଆ ରହିଛନ୍ତି। ଗଡ଼ ରକ୍ଷା କରିବାରେ କଂଗ୍ରେସର ହେଭିୱେଟ୍ ନେତା ବିଧାୟକ ମିଶ୍ର ସଫଳ ହୋଇନାହାନ୍ତି। ଏନେଇ ତାଙ୍କ ପ୍ରତିକ୍ରିୟା ନିଆଯିବାରୁ ସେ କହିଥିଲେ ଯେ, ଚଳିତ ପଞ୍ଚାୟତ ନିର୍ବାଚନ ଫଳାଫଳକୁ ଦେଖି ଆଶ୍ଚର୍ଯ୍ୟ ହୋଇଛି। ଯାହା ଆଶା କରିଥିଲୁ ସେଥିରେ ନିରାଶ ହୋଇଛୁ। କଂଗ୍ରେସ ଦଳ ପାଇଁ ଏହା ଗୋଟେ ବିପର୍ଯ୍ୟୟ। ଆମକୁ ଆତ୍ମଚିନ୍ତନ କରିବାକୁ ପଡ଼ିବ। ରାସ୍ତା ଖୋଜିବାକୁ ପଡ଼ିବ। ତେବେ ବି ଜନମତକୁ ସମ୍ମାନ ଦେଉଛି। ଲୋକଙ୍କ ମତକୁ ମାନିବାକୁ ପଡ଼ିବ। ତେବେ ଓଡ଼ିଶାର ଯେଉଁ ଭଉଣୀଭାଇ ଭୋଟ୍ ଦେଇ ଶାସକ ଦଳକୁ ବିପୁଳ ବିଜୟ ଦେଇଛନ୍ତି ସେମାନେ ଗଣତାନ୍ତ୍ରିକ ଉପାୟ ଅବଲମ୍ବନ କରି ଏକଚ୍ଛତ୍ରବାଦକୁ ସମର୍ଥନ କରିଛନ୍ତି।

## କର୍ଲାମୁଣ୍ଡା ବ୍ଲକ କ' ଜୋନ୍: ସରପଞ୍ଚ, ସମିତିସଭ୍ୟ ଫଳ ପ୍ରକାଶ

କର୍ଲାମୁଣ୍ଡା,୨୭।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ କ' ଜିଲା ପରିଷଦ ଜୋନ ଅନ୍ତର୍ଗତ ୬ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡମେମ୍ବର ନିର୍ବାଚନ ବୃତାନ୍ତ ଫଳାଫଳ ହସ୍ତଗତ ହୋଇଛି। ରିଷିଡା ସରପଞ୍ଚ ଭାବେ ସେବତୀ ରଣା, କର୍ଲାମୁଣ୍ଡା ସରପଞ୍ଚ ଭାବେ ସର୍ଣଲତା ସାହୁ, ତେରେସିଙ୍ଗା ସରପଞ୍ଚ ଭାବେ ପ୍ରମୋଦ ସୁନା, ଗଜବାହାଲ ସରପଞ୍ଚ ଭାବେ ଅରବିନ୍ଦ ଗହୀର, ପୌରକେଲା ସରପଞ୍ଚ ଭାବେ ଯଶୋସ୍ୱିନୀ ଧରୁଆ ବିଜୟୀ ହୋଇଛନ୍ତି। ସମିତି ସଭ୍ୟ ଭାବେ ରିଷିଡାରୁ ନିମାଇଁ ଚରଣ ବେହେରା, କର୍ଲାମୁଣ୍ଡାରୁ ସୁରେନ୍ଦ୍ର ଭୋଇ, ତେରେସିଙ୍ଗାରୁ ଚନ୍ଦ୍ରମା ରଣା, ପୌରକେଲାରୁ ସୁଧୀର ଭୋଇ, ରାଜପୁରରୁ ନିରୁପମା ଭୋଇ, ଗଜବାହାଲରୁ କୁନି ସାହୁ ବିଜୟୀ ହୋଇଛନ୍ତି। କ' ଜିଲା ପରିଷଦ ଜୋନ ସଦସ୍ୟ ଭାବେ ବିଜେଡିର ମହେନ୍ଦ୍ର ରଣା ବିଜୟୀ ହୋଇଥିବା ବେଳେ ରବିବାର ବ୍ଲକର ଖ' ଜୋନର ଭୋଟ ଗଣତି ଆରମ୍ଭର ପାଞ୍ଚ ରାଉଣ୍ଡ ସୁଦ୍ଧା କଂଗ୍ରେସ ପ୍ରାର୍ଥୀ ସୁରେଶ ଚୌଧୁରୀ ଭାଜପାଠାରୁ ୧୫୭୬ ଭୋଟରେ ଆଗୁଆ ଥିବା ସୂଚନା ମିଳିଛି।

## ପ୍ଲାଏଉଡ୍ କାରଖାନାରୁ ମିଳିଲା ଝୁଲନ୍ତା ମୃତଦେହ

ସଇଁତଲା, ୨୭।୨(ଡି.ଏନ.ଏ.)

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**

ବଲାଙ୍ଗୀର ଜିଲା ସଇଁତଲା ଥାନା ତଥା କୁଇକେଡ଼ା ପଞ୍ଚାୟତ ଅଞ୍ଚଳରେ ଥିବା ପରିତ୍ୟକ୍ତ ପ୍ଲାଏଉଡ଼ କାରଖାନାରୁ ଜନୈକ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ କୁଇକେଡ଼ା ଗ୍ରାମ ପଞ୍ଚାୟତ ନିକଟରେ ରହୁଥିବା କ୍ଷିରସିନ୍ଧୁ ବାଗ (୪୫)। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ମୃତାଙ୍କ ସ୍ତ୍ରୀ କ୍ଷୀତିସୂତା ବାଗ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ଶନିବାର କୁଇକେଡ଼ା ପଞ୍ଚାୟତର ଭୋଟ ଗଣତି ଥିବାରୁ କିଏ ଜିତିଛି ଜାଣିବା ପାଇଁ ସ୍ତ୍ରୀଙ୍କୁ କହି କ୍ଷୀର ଘରୁ ବାହାରିଥିଲେ। ଘରକୁ ନ ଫେରିବାରୁ ତାଙ୍କର ଆଶଙ୍କା ବଢ଼ିଥିଲା। ରବିବାର ମଧାହ୍ନରେ ଜନୈକ ପୋଲିସ କର୍ମଚାରୀ ଆସି ତାଙ୍କ ସ୍ୱାମୀଙ୍କ ମୃତଦେହ ପ୍ଲାଏଉଡ଼ କାରଖାନା ମଧ୍ୟସ୍ଥ ଜଙ୍ଗଲରେ ଝୁଲୁଥିବା କହିଥିଲେ। ପୋଲିସ ନିକଟରେ ଅଭିଯୋଗ କରି ନ ଥିଲେ ମଧ୍ୟ ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ରେ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା କ୍ଷୀତିସୂତା କହଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଓଡ଼ିଶା ବନ ଉନ୍ନୟନ ନିଗମର ବନ୍ଦ ପଡ଼ିରହିଥିବା ପ୍ଲାଏଉଡ଼ କାରଖାନାରେ ଜଗୁଆଳି ଭାବରେ କାମ କରୁଥିବା ବିଦେଶୀ ବୁଢ଼େକ କାରଖାନା ଭିତର ଜଙ୍ଗଲରେ ଜନୈକ ବ୍ୟକ୍ତିଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ସଇଁତଲା ଥାନା ଅଧିକାରୀ ଅବନୀ ସାହୁ, ବଡ଼ମାଳ ଫାଣ୍ଡି ଅଧିକାରୀ ସର୍ବେଶ୍ୱର ସାହୁ ଘଟଣାସ୍ଥଳରେ ପହଞ୍ଚି ଆରମ୍ଭ କରିଥିଲେ।

## ଟାଏକୋଣ୍ଡୋ କ୍ରୀଡାବିତଙ୍କୁ ୪ସ୍ୱର୍ଣ୍ଣ, ୩ ରୌପ୍ୟ ପଦକ



ପଦକ ପାଇଥିବା କ୍ରୀଡାବିତ୍‌ମାନେ।

ଅମରପାଲି,୨୭।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଟାଏକୋଣ୍ଡୋ କ୍ରୀଡାବିତଙ୍କୁ ମିଳିଛି ସଫଳତା। ୬ଷ୍ଠ ମାର୍ଶଲ ଆର୍ଟ ଗେମ୍ସରେ ଗୋଆରେ କ୍ରୀଡାବିତଙ୍କୁ ମିଳିଛି ଏହି ସଫଳତା। ଗୋଆରେ ଅନୁଷ୍ଠିତ ୬ଷ୍ଠ ମାର୍ଶଲ ଆର୍ଟ ଗେମ୍ସରେ ସୁବର୍ଣ୍ଣପୁର ଜିଲାର ଏହେସାସ ଟାଏକୋଣ୍ଡୋ ଏକାଡେମୀର ୭ ଜଣିଆ ଟିମ ଗୋଆ ଯାଇଥିଲା। କୋଚ ଏହେସାସ ହୋତାଙ୍କ ନେତୃତ୍ୱରେ ଯାଇଥିବା ଏହି ଟିମତ୍ର ଆର୍ଯ୍ୟନ ମହାନ୍ତି, କୁମାର କାଶ୍ୟପ ଷଡଙ୍ଗୀ, ବିଶ୍ୱ ରଞ୍ଜନ ସାହୁ ଏବଂ ହର୍ଷିତା ନାୟକଙ୍କୁ ସ୍ୱର୍ଣ୍ଣପଦକ ମିଳିଛି। ପ୍ରିୟଦର୍ଶନୀ କର, ଅଭିଳାଶ ସାହୁ ଏବଂ ଶୁଭମ ସାମର୍ଥ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିଭଳି ଏହେସାସ ହୋତାଙ୍କୁ ଶ୍ରେଷ୍ଠ କୋଚଭାବେ ମଧ୍ୟ ପୁରସ୍କୃତ କରାଯାଇଛି। କ୍ରୀଡାବିତଙ୍କ ଏହି ସଫଳତା ସମ୍ପର୍କରେ ଖବର ପାଇ ଜିଲାପାଳ ଆବୋଲି ସୁନିଲ ନରୱାଣେ ଏବଂ ଜିଲା କ୍ରୀଡା ଅଧିକାରୀ ଇପସିତା ମିଶ୍ର ଫୋନ ଯୋଗେ ଏହେସାସ ଏବଂ ଅନ୍ୟ କୃତି କ୍ରୀଡାବିତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେହିଭଳି ରାଜ୍ୟ ଟାଏକୋଣ୍ଡୋ ସଂଘ ସମ୍ପାଦକ ମନମୋହନ ଭଞ୍ଜ ଏବଂ ଜିଲା ଟାଏକୋଣ୍ଡୋ ସଂଘ ସଭାପତି ରବୀନ୍ଦ୍ର ହୋତା ପ୍ରମୁଖ କୃତି କ୍ରୀଡାବିତ ତଥା କୋଚ ହୋତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଟାଏକୋଣ୍ଡୋ କ୍ରୀଡାବିତଙ୍କୁ ଟ୍ରେନିଂ ହଲର ବ୍ୟବସ୍ଥା କରାଯାଇଥିବାରୁ ଜିଲାପାଳ ନରୱାଣେଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

## ସିର୍ଜାପାଲି: ପ୍ରମୋଦ ସରପଞ୍ଚ ନିର୍ବାଚିତ

ତୁଣ୍ଡଲା,୨୭।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ସିର୍ଜାପାଲି ଗ୍ରାମ ପଞ୍ଚାୟତରେ ସରପଞ୍ଚ ଭାବେ ପ୍ରମୋଦ କୁମାର ଦାଶ ଏବଂ ସମିତି ସଭ୍ୟା ସୀତୟା ସାହୁ ବିଜୟୀ ହୋଇଛନ୍ତି। ତୁଣ୍ଡଲା ପଞ୍ଚାୟତରେ ସରପଞ୍ଚ ଭାବେ ସରୋଜ ସେଠ, ସମିତି ସଭ୍ୟା ରିତାଞ୍ଜଳୀ ବାଗ, ବେଲଖଣ୍ଡି ପଞ୍ଚାୟତରେ ସରପଞ୍ଚ ସୁଶାନ୍ତ ବାଗ, ସମିତି ସଭ୍ୟ ପ୍ରଦୀପ ନାୟକ, ତୁର୍ଲାଖମନରେ ସରପଞ୍ଚ ପ୍ରଭାତୀ ସାହୁ, ସମିତି ସଭ୍ୟ ଗୁଳୁ ସାହୁ, ଗୁନାମାଠରେ ପ୍ରେମଲାଲ ଭୋଇ, ସମିତି ସଭ୍ୟା ବବିତା ଭୋଇ ଏବଂ ହାତୀଖୋଜ ପଞ୍ଚାୟତରେ ସରପଞ୍ଚ ସୁନିତା କୁମାର ଓ ସମିତି ସଭ୍ୟା ମିନା ନନ୍ଦ ନିର୍ବାଚିତ ହୋଇଥିବା ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। ବିଜୟୀ ପରେ ସିର୍ଜାପାଲି ସରପଞ୍ଚ ପ୍ରମୋଦ ସମର୍ଥକମାନଙ୍କ ସହ ସବୁ ଗ୍ରାମ ଶୋଭାଯାତ୍ରାରେ ବୁଲି ଆଗାମୀ ୫ବର୍ଷ ପାଇଁ ଅଞ୍ଚଳର ବିକାଶ କାର୍ଯ୍ୟ କରିବା ପାଇଁ ଲୋକଙ୍କଠାରୁ ଆଶୀର୍ବାଦ ଲାଭ କରିଥିଲେ। ସେହିପରି ଅନ୍ୟ ସମସ୍ତ ପଞ୍ଚାୟତରେ ସରପଞ୍ଚମାନେ ଶୋଭାଯାତ୍ରାରେ ବାହାରି ଆଶୀର୍ବାଦ ଲାଭ କରିଥିଲେ।

## ୨ରେ ଭାଜପା, ୪ ଆସନରେ ବିଜେଡି ଆଗୁଆ

ବରଗଡ଼ ଅଫିସ୍,୨୭।୨

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗଣତି ରବିବାର ହୋଇଥିଲା। ଏହି ପର୍ଯ୍ୟାୟରେ ମଧ୍ୟ ଜିଲାର ୧୨ ଜିଲା ପରିଷଦ ଜୋନ୍‌ର ଭୋଟ ଗଣତି କାର୍ଯ୍ୟକ୍ରମ ଥିଲା। ତେବେ ଭାଜପା, କଂଗ୍ରେସ ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର ପରେ ଅମ୍ବାଭୋନା (ଜୋନ୍ ନଂ–୬)ରୁ ବିଜେଡ଼ି ପ୍ରାର୍ଥିନୀ କଳ୍ପନା ପ୍ରଧାନ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଯୋଗୁ ୧୧ଜୋନ୍‌ର ଗଣତି ହୋଇଥିଲା। ରାତି ୧୦ଟା ସୁଦ୍ଧା ଉକ୍ତ ୧୧ ଜୋନ୍ ମଧ୍ୟରୁ ବିଜେଡ଼ି ୪ରେ ବିଜୟୀ ଓ ୪ରେ ଆଗୁଆ ଏବଂ ଭାଜପା ଗୋଟିଏରେ ଜିତିଥିବା ବେଳେ ୨ଟିରେ ଆଗୁଆ ରହିଥିଲା।

ଅତାବିରା (ଜୋନ୍ ନଂ.–୨)ରେ ବିଜେଡ଼ି ପ୍ରାର୍ଥୀ ରଣଜିତ ସାହୁ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ପୁଷ୍ପକ ଗାଇଗରିଆଙ୍କଠାରୁ ୧୧୧୫ଭୋଟରେ ଆଗୁଆ ରହିଛନ୍ତି। ବରଗଡ଼ (ଜୋନ୍ ନଂ.–୧୫)ରେ ବିଜେଡ଼ି ପ୍ରାର୍ଥିନୀ ପ୍ରଭାସିନୀ ପ୍ରଧାନ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ତପସ୍ୱିନୀ ସାହୁଙ୍କୁ ୧୬୩୪ ଭୋଟରେ ପରାସ୍ତ କରିଛନ୍ତି। ବରପାଲି (ଜୋନ୍ ନଂ.–୧୯)ରେ ବିଜେଡ଼ିର ଅନନ୍ତ ସେଠ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ରବିନ୍ଦ୍ର ବାଗଙ୍କଠାରୁ ୩୭୧୭ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି। ଭଟଲି (ଜୋନ୍ ନଂ.–୨୫)ରେ ବିଜେଡ଼ି ପ୍ରାର୍ଥୀ ଈଶ୍ୱର ଚନ୍ଦ୍ର ସାହୁ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର କିରଟୀ ଠାକୁରଙ୍କଠାରୁ ୩୦୯୬ଭୋଟରେ ଆଗୁଆ ଅଛନ୍ତି। ଭେଡ଼େନ (ଜୋନ୍ ନଂ.–୨୭)ରେ ବିଜେଡ଼ି ପ୍ରାର୍ଥୀ ସତ୍ୟଜିତ ପୁରୋହିତ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ଖିରେଶ ମହାକୁରଙ୍କଠାରୁ ୪୭୩୭ଖଣ୍ଡ ଅଧିକ ଭୋଟ ପାଇ ଜିତିଛନ୍ତି। ବିଜେପୁର (ଜୋନ୍ ନଂ.–୨୨)ରେ ଭାଜପା ପ୍ରାର୍ଥୀ ସୁଶାନ୍ତ ଗଡ଼ତିଆ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡ଼ିର ଜିତେନ୍ଦ୍ରୀୟ ପୂଜାହାରୀଙ୍କଠାରୁ ୧୩୯୧ ଭୋଟ ଅଧିକ ପାଇ ବିଜୟୀ ହୋଇଛନ୍ତି।

ଗାଇସିଲେଟ (ଜୋନ୍ ନଂ.–୮)ରେ ଭାଜପା ପ୍ରାର୍ଥୀ ଝରଣା ପାଣିଗ୍ରାହୀ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସୁକାନ୍ତୀ ସାହୁଙ୍କଠାରୁ ୫୧୮ଭୋଟରେ ଆଗୁଆ ରହିଛନ୍ତି। ଝାରବନ୍ଧ (ଜୋନ୍ ନଂ.–୧୦)ରେ ବିଜେଡ଼ି ପ୍ରାର୍ଥୀ ସନ୍ତୋଷ କୁମାର ବେହେରା ଭାଜପାର ଚନ୍ଦ୍ରମା ପଟେଲଙ୍କଠାରୁ ୩୭୨୪ ଭୋଟରେ ଆଗୁଆ ଅଛନ୍ତି। ପାଇକମାଳ (ଜୋନ୍ ନଂ.–୧୨)ରେ ଭାଜପା ପ୍ରାର୍ଥୀ ସୁରେନ୍ଦ୍ର ପ୍ରତାପ ସିଂ ବରିହା ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡ଼ିର ରାଜେନ୍ଦ୍ର କୁମାର ରାଉତଙ୍କଠାରୁ ୧୯୫ଭୋଟରେ ଆଗୁଆ ଅଛନ୍ତି। ସେହିପରି ରାଜବୋଡ଼ାସମ୍ବର (ଜୋନ୍ ନଂ.–୩୦)ରେ ବିଜେଡ଼ିର ପୂର୍ଣ୍ଣିମା ରଣା ଭାଜପାର ନୀତୁ ବାଜପେୟୀଙ୍କୁ ୨୮୫୫ ଖଣ୍ଡ ଭୋଟରେ ହରାଇଛନ୍ତି। ସୋହେଲା (ଜୋନ୍‌ନଂ.–୩୩)ରେ ବିଜେଡ଼ି ପ୍ରାର୍ଥୀ ମୀତା ବିଶି ଭାଜପାର ରତ୍ନାବତୀ ଦୀପଙ୍କୁ ହରାଇ ବିଜୟୀ ହୋଇଛନ୍ତି।

## ବୁଲା ଗୋରୁଙ୍କ କବ୍‌ଜାରେ ସ୍ମାର୍ଟ ସିଟି ରାସ୍ତା

ରାଉରକେଲା ଅଫିସ,୨୭।୨

ସ୍ମାର୍ଟ ସିଟି ରାଉରକେଲାର ବିଭିନ୍ନ ରାସ୍ତାରେ ବୁଲା ଗୋରୁଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳିଛି। ସହରରେ ଦିନକୁ ଦିନ ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ଯାନବାହନ ଚଳାଚଳ ବଢୁଛି। କ୍ଷୀର ବ୍ୟବସାୟୀମାନେ ସେମାନଙ୍କ ଗାଈଗୋରୁଙ୍କୁ ମଝି ରାସ୍ତାରେ ଛାଡି ଦେଇଛନ୍ତି। ଫଳରେ ଯାତାୟାତରେ ବହୁ ବାଧା ସୃଷ୍ଟି ହେଉଛି। ବାସନ୍ତୀ କଲୋନୀ, ଛେଣ୍ଡ କଲୋନୀ, ସିଭିଲଟାଉନଶିପ୍ ଓ ଓରାମପଡ଼ା ଅଞ୍ଚଳରେ ଏହା ଦେଖିବାକୁ ମିଳୁଛି। ଏଥିଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି । ସହରର ମୁଖ୍ୟ ରାସ୍ତାଗୁଡ଼ିକରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ବାଲୁଘାଟ ଅଞ୍ଚଳରେ କାଞ୍ଜିଆହୁଦା ଥିବାବେଳେ ସହର ପ୍ରଶାସନ ଏ ନେଇ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। ଏ ନେଇ ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ଉପଆୟୁକ୍ତ ସୁଧାଂଶୁ ଶେଖର ଭୋଇଙ୍କୁ ପଚାରିବାରୁ ସେ କହିଥିଲେ, ବର୍ତ୍ତମାନ ନିର୍ବାଚନ ଚାଲିଥିବାରୁ ଆମେ କୌଣସି ପଦକ୍ଷେପ ନେଇନାହୁଁ। ଆସନ୍ତା ୭ଦିନ ଭିତରେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ୨ୟ ଦିବସ ଭୋଟ ଗଣତି: ବିଜେଡ଼ି ପ୍ରାର୍ଥୀ ଆଗୁଆ

କୁଆଁରମୁଣ୍ଡା,୨୭।୨(ଡି.ଏନ.ଏ)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ୨ୟ ଦିବସ ଭୋଟ ଗଣତି କାର୍ଯ୍ୟ ରବିବାର ସକାଳ ୮ଟାରୁ ଆରମ୍ଭ ହୋଇଯାଇଛି। ଏହି ପର୍ଯ୍ୟାୟରେ କୁଆଁରମୁଣ୍ଡା ଖ ଜିଲାପରିଷଦ ଜୋନ୍ ଅନ୍ତର୍ଗତ ଡୁମେରଯୋର, ଝାରବେଡ଼ା, କଚାରୁ, କାଲୋସିହିରିଆ, ଝୁଝୁଣ୍ଡୁବାହାଲ, କୁଆଁରମୁଣ୍ଡା, କୁମଝରିଆ, ପଦମପୁର, ପୁତ୍ରିଖିମଣ ସର୍ବମୋଟ ୯ଟି ପଞ୍ଚାୟତ ରହିଛି। କୁଆଁରମୁଣ୍ଡା ବ୍ଲକ ନିର୍ବାଚନ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ,ରାତି ୮ଟା ସୁଦ୍ଧା ୭ମ ରାଉଣ୍ଡର ଫଳାଫଳ ଘୋଷଣା କରାଯାଇଛି। ବିଜେଡ଼ି ପ୍ରାର୍ଥୀ ରାଜେନ୍ଦ୍ର କୁଜୁରଙ୍କୁ ୭ମ ରାଉଣ୍ଡ ସୁଦ୍ଧା ମୋଟ ୭୫୦୯ ଖଣ୍ଡ, ଭାଜପା ପ୍ରାର୍ଥୀ ବାନ୍ଧନା ବେକଙ୍କୁ ୩୨୫୭ ଖଣ୍ଡ, କଂଗ୍ରେସ ପ୍ରାର୍ଥୀ ବିଜେନ୍ଦ୍ର କୁଜୁରଙ୍କୁ ୨୯୧୭ ଖଣ୍ଡ ଭୋଟ ମିଳିଛି। ୭ମ ରାଉଣ୍ଡ ସୁଦ୍ଧା ବିଜେଡ଼ି ପ୍ରାର୍ଥୀ ରାଜେନ୍ଦ୍ର କୁଜୁର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ବାନ୍ଧନା ବେକ୍‌ଙ୍କ ଠାରୁ ୪୨୫୨ ଖଣ୍ଡ ଭୋଟରେ ଆଗୁଆ ଅଛନ୍ତି। ମୋଟ ୧୬ ରାଉଣ୍ଡ ଗଣତି ହେବାକୁ ଥିବା ବେଳେ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀମାନେ ଶେଷ ପର୍ଯ୍ୟାୟ ଭୋଟ ଗଣତି ପର୍ଯ୍ୟନ୍ତ ବ୍ଲକ ନିକଟବର୍ତ୍ତୀ ଅଞ୍ଚଳରେ ଅପେକ୍ଷାରେ ଅଛନ୍ତି।

## ସିଦ୍ଧିଦୁର୍ଗା ପାହାଡ଼ରୁ ଆସିଥିଲା ୭୩୦ ପଥର

ଡ. ସୁରେନ୍ଦ୍ର କୁମାର ମିଶ୍ର

- ଅରାଗଡ଼ ପାହାଡ଼ରୁ ପଥର ଆଣିବା ବେଳେ ଶିବିର ପଡ଼ିଥିଲା ତରାବୋଇ ଗାଁରେ
- ନୀଳଗିରିରୁ ପଥର ଆଣିବାକୁ ସାତୋଟି ନଦୀପଥ ଅତିକ୍ରମ କରିବାକୁ ପଡ଼ୁଥିଲା



ସିଦ୍ଧିଦୁର୍ଗା ପାହାଡ଼ରେ ଥିବା ପ୍ରଜ୍ଞା ପାରମିତା ପୀଠ। (ଫଟୋ: ଦେବ କୁମାର, ନରସିଂହପୁର)




ବରେନ୍ ପାହାଡ଼ ପଥର ଚିହ୍ନଟ ଦଳର ଦଳପତି ଥିଲେ ଗଦେଇ ମହାରଣା। ଗଦେଇ ମହାରଣା ଆଜି ନାହାନ୍ତି କି ବରେନ୍ ପାହାଡ଼ ବି ନାହିଁ। ତରାବୋଇ ଗାଁଲୋକେ ଚାଉଳ କେବଳ ଯୋଗେଇଥିଲେ ତା'ନୁହେଁ, ସେ ଗାଁରେ ଦିନେ ପଥୁରିଆଙ୍କ ପାଇଁ ଶିବିର ପଡ଼ିଥିଲା।

ଅରାଗଡ଼ ପାହାଡ଼ରେ ପଥର ଚିହ୍ନଟ ପାଇଁ ପହଞ୍ଚିବା ପରେ ରହିଥିଲେ ତରାବୋଇ ଗାଁରେ। ଦଳପତି ଥିଲେ ନିଧି ମହାରଣା। କାର୍ଯ୍ୟନିର୍ବାହ କରିବା ପାଇଁ ବୀରଭଞ୍ଚ ପରିଦର୍ଶନ ଦାୟିତ୍ୱରେ ଥିଲେ। ତରାବୋଇରେ ଭଞ୍ଚ ବଂଶର ଦାୟାଦଙ୍କୁ ଚିହ୍ନଟ କରିହେଲାନି। ତେବେ ସେ ଅରାଗଡ଼ର ହୋଇପାରନ୍ତି। ଭଞ୍ଚ ଏକ ସାଙ୍ଗିଆ ନୁହେଁ, ଏକ ରାଜ ଉପାଧି। ଶିବିର ପଡ଼ିଥିଲା ୩ ମାସ ୧୦ ଦିନ। ଶିବିର ପାଇଁ ଟିକରପଡ଼ା ଭଣ୍ଡାରରୁ ଆସିଲା ୧୭ ଭରଣ ୧୨ ଗୌଣୀ ଚାଉଳ। ସୁନା ଖର୍ଚ୍ଚ ହେଲା ୪୨୮ ମାଢ଼।

ଏଠାରୁ ୧୩୦୭ ଖଣ୍ଡ ରେଗେଡ଼ା କୁଣ୍ଡାପଥର କଟାଗଲା। କଟାଳି ନେଲେ ୩୪ ମାଢ଼ ସୁନା। ପଥର ବୋହିବାକୁ ଲାଗିଲା ୩୪୦ ମାଢ଼ ସୁନା। ଅରାଗଡ଼ରୁ ଏକ ପାଣି ଦଣ୍ଡା (ପ୍ରାକୃତିକ କେନାଲ) ଥିଲା ଦୟାନଦୀ ପର୍ଯ୍ୟନ୍ତ। ଚାପ ଆସିବାକୁ ତାହା ଖୋଳାଯାଇଥିଲା। ୩ଟି ବଡ଼ ଚାପରେ ପଥର ପହଞ୍ଚିଥିଲା ଦୟାନଦୀରେ। ସେଠୁ ୧୦ଟି ବଡ଼ ନୌକାରେ ଚାପରୁ କିଛି ପଥର କଢ଼ାଯାଇ ଲଦାଗଲା। ପଥର ଚାପ ଓ ନାହା ଚାଲିଲେ କୁଆଖାଇ ନଦୀକୁ। କୁଆଖାଇରୁ ସୋଲ ନଦୀକୁ। ଦୟା ନଦୀ ବହୁ ଇତିହାସର ସାକ୍ଷୀ। କୋଣାର୍କକୁ ପଥର ଆସିବାର ସାକ୍ଷୀ, ସତରେ ସେ କଥା କହିପାରୁଥାନ୍ତା କି! ଏହା ଥିଲା କୋଣାର୍କକୁ ଷୋହଳତମ ପଥର ଆସିବାର ପ୍ରସଙ୍ଗ।

ତାପଙ୍ଗ ମଧ ଦୟା ନଦୀ ପରି ଓଡ଼ିଶା ଇତିହାସର ଅନ୍ୟତମ ସାକ୍ଷୀ। ଠିକ୍‌ସେମିତି ସୋଲ ନଦୀ ମଧ। ସୋଲ ନଦୀକୁ ଚାପ ନ ଆସିଲେ ଉଦିପୁର ଦଣ୍ଡାକୁ ଆସିପାରିବ ନାହିଁ। ଉଦିପୁର ଦଣ୍ଡା ସିଧା ପଦ୍ମତୋଳା ଗଣ୍ଡ ଦିଗରେ ସଂଯୋଗ ହୋଇଥିଲା।

ତାପଙ୍ଗମାଳର ୨୩୪ଟି ନାଲି ରେଗେଡ଼ା ସାହାଣ ପଥର ଦୟା ନଦୀ–ମହା ନଦୀ–ସୋଲ ନଦୀ–ଉଦିପୁର ଦଣ୍ଡା ଦେଇ ପଦ୍ମତୋଳା ଗଣ୍ଡ ନିକଟରେ ପହଞ୍ଚିଥିଲା। ତାପଙ୍ଗମାଳର ଭୀମଟାଙ୍ଗିରୁ ଏହି ପଥର ଆସିଥିଲା। ପଥୁରିଆଙ୍କ ଦଳପତି ଥିଲେ ନାରାୟଣ ମହାରଣା। ତାପଙ୍ଗ ଦଳବେହେରାଙ୍କ ପକ୍ଷରୁ କାର୍ଯ୍ୟ ତଦାରଖ କରୁଥିଲେ ବୀରମଲ୍ଲ। ତାପଙ୍ଗରେ ଶିବିର ପଡ଼ିଥିଲା ଚାରିମାସ। ଖର୍ଚ୍ଚ ହେଲା ୧୮୦ ମାଢ଼ ସୁନା। ତାପଙ୍ଗ ଭୀମଟାଙ୍ଗିରୁ ପଥର ଆସିବା ସତର ଥର, ଅଠର ଥର ପଥର ଆସିଥିଲା ନୀଳଗିରିରୁ। ନୀଳଗିରିରେ ଥିବା 'ପିଠଉଶୁଣି' ପାହାଡ଼ ତଳେ ଥିବା ବାହାରମୁଣ୍ଡା ଗାଁ ମୁଣ୍ଡରେ ଶିବିର ପକେଇ ରହିଥିଲେ ପଥୁରିଆ। ଦଳପତି ନାରାୟଣ ମହାପାତ୍ରଙ୍କ ସହିତ ଯାଇଥିଲେ ୧୭୦ ଜଣ ପଥୁରିଆ। ଏଠିକି ସବୁଠାରୁ ଅଧିକ ପଥୁରିଆ ଯାଇଥିବାର ଜଣାପଡୁଛି। ରହିଲେ ଦୀର୍ଘ ସାତ ମାସ। ଦାୟିତ୍ୱ ନେଇଥିଲେ ରତ୍ନ ଶର୍ମା। ପଥର କଟାଯିବା ପରେ ସାଙ୍ଗି ମାଧ୍ୟମରେ ପଥର ବୁହାହେଲା ବିରୁଡ଼ିନାଳିଆ ପାଖକୁ। ବିରୁଡ଼ିନାଳିଆରୁ ଭସାଣଦଣ୍ଡାକୁ ଆଉ ଏକ ଦଣ୍ଡା ବା କେନାଲ ଥିଲା। ତାକୁ କୁହାଯାଉଥିଲା ମହାନଦୀନାଳିଆ। ନୀଳଗିରିରୁ ଜଳପଥରେ ପଥର ଆଣିବା ସହଜ ନ ଥିଲା। ସେଥିପାଇଁ ବହୁ ପୂର୍ବରୁ ପ୍ରସ୍ତୁତି ସରିଥିଲା। ମହାନଦୀନାଳିଆ ସଂଯୋଗ ହୋଇଥିଲା ଭଷାଣଦଣ୍ଡା ସହିତ। ଭଷାଣଦଣ୍ଡା ଦେଇ ଚାପ ପହଞ୍ଚିଥିଲା 'ବାହାରିଆଜୋର'ରେ। ବାହାରିଆ ଜୋରରୁ ଚିତ୍ରୋତ୍ପଳା ଗଣ୍ଡ, ସେଠାରୁ ସୋଲ ନଦୀ। ସୋଲ ନଦୀ ଗଣ୍ଡରୁ ଉଦିପୁର ଦଣ୍ଡା, ତା'ପରେ ପଦ୍ମତୋଳା ଗଣ୍ଡ।

ବିରୁଡିନାଳିଆ, ମହାନଦୀନାଳିଆ, ଭସାଣଦଣ୍ଡା, ବାହାରିଆ ଜୋର, ଚିତ୍ରୋତ୍ପଳା ଗଣ୍ଡ, ସୋଲ ନଦୀ ଗଣ୍ଡ, ଉଦିପୁର ଦଣ୍ଡା, ପଦ୍ମତୋଳା ଗଣ୍ଡ। ସାତୋଟି ଜଳପଥ ଦେଇ ଚାପଦଳେଇ ଚାପରେ ପହଞ୍ଚେଇବା ପରେ ସେତେବେଳେ ନେଇଥିଲେ ୧୩୦ ମାଢ଼ ସୁନା। ଅନ୍ୟ ଖର୍ଚ୍ଚ ୧୬୬ ମାଢ଼। ଚାଉଳ ଏବଂ ଅନ୍ୟାନ୍ୟ ଆବଶ୍ୟକ ଦ୍ରବ୍ୟ ଯୋଗାଇଥିଲେ ରେମୁଡ଼ା ଦଣ୍ଡପାଟର ମୁଖିଆ। ପଥୁରିଆ, ଦଳପତି ଓ ଚାପଦଳେଇଙ୍କୁ ସାଧାରଣ ଲୋକେ ସାହାଯ୍ୟ ଓ ସହଯୋଗ କରି ନ ଥିଲେ ଏତେ ଶୃଙ୍ଖଳିତ ଭାବରେ କୌଣସି ଅଘଟଣ ନ ଘଟି ସୁବିଧାରେ ଆସି ପଥର ପଦ୍ମତୋଳା ଗଣ୍ଡରେ ପହଞ୍ଚିପାରି ନ ଥାନ୍ତା।

ନୀଳଗିରିରୁ ପଥର ଆସି ପହଞ୍ଚିବା ପରେ ବାଣେଶ୍ୱରନାସୀରୁ ପଥର ଆସିଥିଲା। ବାଣେଶ୍ୱରନାସୀ ଅଞ୍ଚଳ ବଡ଼ମ୍ବା–ନରସିଂହପୁର ଗଡ଼ଜାତ ଅଞ୍ଚଳରେ ଅବସ୍ଥିତ। ବାଣେଶ୍ୱରନାସୀର ସିଦ୍ଧିଦୁର୍ଗା ପାହାଡ଼ରୁ ବାଲିଆ ହଳଦିଆ ସାହାଣ ପଥର ୭୩୦ ଖଣ୍ଡ ଆସିଥିଲା। ମହାନଦୀ କୂଳରେ ଏହି ପାହାଡ଼ ଅବସ୍ଥିତ। ଦେବୀ ଭଟ୍ଟାରିକାଙ୍କ ପୀଠଠାରୁ ଅଳ୍ପ ଦୂରରେ। ଏହି ପାହାଡ଼ରେ ରହିଛି ପ୍ରଜ୍ଞା–ପାରମିତା ପୀଠ। ବୌଦ୍ଧ ଧାରାର ମହାନ୍ ସାଧିକା ପ୍ରଜ୍ଞାପାରମିତା ଏହି ପାହାଡ଼ରେ ସାଧନା କରିଥିବାର ଐତିହ୍ୟ ରହିଛି। ପାହାଡ଼ର ପାଦଦେଶରେ ରହିଥିଲା 'ବୁଦ୍ଧେଶ୍ୱର ଗାଁ'। ଏଇ ଗାଁରେ ଶିବିର ପଡ଼ିଥିଲା ୩ମାସ ୧୮ ଦିନ। ପଥୁରିଆମାନଙ୍କ ସହିତ ଦେଖାରଖା କରିବାକୁ ରହିଥିଲେ ମଧୁ ମହାରଣା ଓ ବୀର ଓଝା। ପଥର କଟାଳିଙ୍କ ମୁଖିଆ ବୀର ବଡ଼ଜେନା ତଦାରଖ ଦାୟିତ୍ୱରେ ଥିଲେ। ଶିବିର ଖର୍ଚ୍ଚ ସହିତ ମୋଟ ୧୨୬ ମାଢ଼ ସୁନା ଖର୍ଚ୍ଚ ହୋଇଥିଲା। ବଡ଼ବଡ଼ ଆକାରର ପଥର କାଟିବାକୁ ଅଲଗା ୭ ମାଢ଼ ସୁନା ଦିଆଯାଇଥିଲା। ଏହାକୁ ମିଶାଇ ୧୯ ଥର ପଥର ଆସିଲା କୋଣାର୍କକୁ।

## ବିବାହିତା ମହିଳାଙ୍କୁ ବଳାତ୍କାର: ଯୁବକ ଗିରଫ

କୁତ୍ରା,(ଡି.ଏନ.ଏ): ସୁନ୍ଦରଗଡ ଜିଲା କୁତ୍ରା ଥାନା ଅନ୍ତର୍ଗତ ବିରିଙ୍ଗାଟୋଲିରେ ଜନୈକା ମହିଳାଙ୍କୁ ବଳାତ୍କାର ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗତ ୨୩ ତାରିଖ ରାତିରେ ବିରିଙ୍ଗାଟୋଲି ଗ୍ରାମର ମହିଳା ଜଣକ ପରିଶ୍ରା କରିବା ପାଇଁ ଘର ବାହାରକୁ ବାହାରିଥିଲେ। ସେହି ଗ୍ରାମର ଗଣେଶ ରୋହିଦାସ (୨୩) ଉକ୍ତ ମହିଳାଙ୍କୁ ପାଖ ପଡିଆକୁ ଟେକିନେଇ ବଳାତ୍କାର କରିଥିବା କୁତ୍ରା ଥାନାରେ ମହିଳା ଜଣକ ଅଭିଯୋଗ କରିଥିଲେ। ମହିଳାଙ୍କ ଅଭିଯୋଗ ଆଧାରରେ କୁତ୍ରା ପୋଲିସ ଉକ୍ତ ଯୁବକକୁ ରବିବାର ଗିରଫ କରିଥିବା ସୂଚନା ଦେଇଛନ୍ତି କୁତ୍ରା ଥାନା ଅଧିକାରୀ ସୁଶାନ୍ତ କୁମାର ପରିଡା।

## ସଂକ୍ଷେପରେ

### କ୍ଷତିପୂରଣ ପରେ ମୃତଦେହ ଉଠିଲା

**ସ୍ପଞ୍ଜ କାରଖାନାରେ କର୍ମଚାରୀ ମୃତ ଘଟଣା**

**ରାଉରକେଲା ଅଫିସ,୨୭।୨:** ମହାବୀର ଫେରୋ ସ୍ପଞ୍ଜ କାରଖାନାରେ ଦୁର୍ଘଟଣା ଘଟି ଜଣେ କର୍ମଚାରୀ ପ୍ରାଣ ହରାଇଥିଲେ। ତେବେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ପରିବାର ଲୋକେ ମୃତଦେହ ଉଠାଇ ନ ଥିଲେ। ୩ ଦିନ ପରେ ରବିବାର କ୍ଷତିପୂରଣ ମିଳିବା ପରେ ପରିବାର ଲୋକେ ମୃତଦେହ ନେଇ ସଂସ୍କାର କରିଛନ୍ତି। ଗତ ୨୫ ତାରିଖରେ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ମହାବୀର ଫେରୋ ସ୍ପଞ୍ଜ ଆଇରନ କାରଖାନାରେ ଏକ ଦୁର୍ଘଟଣାରେ କର୍ମଚାରୀ ପ୍ରଶାନ୍ତ କୁମାର ବେହେରା(୩୪)ଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ମୃତକଙ୍କ ସାନ ଭାଇ ସୁଶାନ୍ତ କ୍ଷତିପୂରଣ ଦାବି କରି ମଅତଦେହ ଉଠାଇ ନ ଥିଲେ। ସ୍ଥାନୀୟ ଥାନା ସହଯୋଗରେ କାରଖାନା କର୍ତ୍ତୃପକ୍ଷ ମୃତକଙ୍କ ପରିବାରଙ୍କୁ କ୍ଷତିପୂରଣ ବାବଦ ୬ଲକ୍ଷ ଟଙ୍କା ପ୍ରଦାନ କରିବା ପରେ ପରିବାର ଲୋକେ ମୃତଦେହ ନେଇଥିଲେ। ପ୍ରଶାନ୍ତ କେନ୍ଦୁଝର ଜିଲା ଆନନ୍ଦପୁର ଅଞ୍ଚଳର ବାସିନ୍ଦା ବୋଲି ଜଣାପଡିଛି।

### କୁତ୍ରା ବ୍ଲକରେ ବିଜୟୀ ସରପଞ୍ଚ, ସମିତି ସଭ୍ୟ ପ୍ରାର୍ଥୀ

**ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ**

**କୁତ୍ରା,୨୭।୨ (ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକର ଉଚ୍ଚ ବିଦ୍ୟାଳୟଠାରେ ଶନିବାର କୁତ୍ରା କ ଜୋନରେ ଥିବା ୯ଟି ପଞ୍ଚାୟତର ଜିଲା ପରିଷଦ, ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ ମେମ୍ବରଙ୍କ ଭୋଟ ଗଣତି ହୋଇଥିଲା। ଏଥିରେ କୁତ୍ରା ଗ୍ରାମ ପଞ୍ଚାୟତରେ ସରପଞ୍ଚ ପାଇଁ ନୂଆ ଭାବରେ ରାଜନୀତିକୁ ଆସିଥିବା ଯୁବ ଇଞ୍ଜିନିୟର ତଥା ସମାଜସେବୀ ଭୂବନ କୁଜୁର ୧୯୬୮ ଖଣ୍ଡ ଭୋଟ ପାଇ ତାଙ୍କ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱି ପୂର୍ବତନ ସରପଞ୍ଚ ଲିଲିତା ବରୁଆଙ୍କୁ ପରାଜିତ କରିଛନ୍ତି। ସମିତି ସଭ୍ୟା ଭାବେ କୀର୍ତ୍ତି ଏକ୍କା ୧୪୫୯, ପଞ୍ଚରା ଗ୍ରାମ ପଞ୍ଚାୟତରେ ସରପଞ୍ଚ ଭାବେ ଗୁରୁବାରି ମିଞ୍ଜ ୧୫୯୧ ଓ ସମିତି ସଭ୍ୟ ଭାବେ ଦମନିକଲାକଡା ୧୬୨୯, ବିରିଙ୍ଗାଟୋଲି ପଞ୍ଚାୟତରେ ସରପଞ୍ଚ ଭାବେ ମୁକ୍ତା ନାଏକ ୯୦୧ ଓ ସମିତି ସଭ୍ୟ ଭାବେ ଲକ୍ଷ୍ମଣ କୁମାର ଦାନୀ ୭୮୩, କନ୍ଦେଇମୁଣ୍ଡା ସରପଞ୍ଚ ଭାବେ ସୁଧିର ମିଞ୍ଜ ୭୫୨ ଓ ସମିତି ସଭ୍ୟ ଭାବେ ରାଜକୁମାର ମାଝୀ ୧୧୮୧, ପୂର୍କାପାଲିରେ ସରପଞ୍ଚ ଭାବେ ଶୁକାନ୍ତି ମାଝୀ ୮୨୧ ଓ ସମିତି ସଭ୍ୟ ଭାବେ ୧୧୯୦, କିରିଙ୍ଗସେରା ସରପଞ୍ଚ ଭାବେ ୧୧୯୪ ଓ ସମିତି ସଭ୍ୟ ଭାବେ ଅନୁରାୟ ନାଏକ ୭୨୧, ରଜାବସା ସରପଞ୍ଚ ଭାବେ ନିରୁପମା ମାଝୀ ୧୪୯୯ ଓ ସମିତି ସଭ୍ୟ ଭାବେ ପ୍ରଶ୍ନ କୁମାର ବାଗ ୧୧୩୩, ତୁନମୁରା ସରପଞ୍ଚ ଭାବେ ତରୁଣିସେନ ବରିହା ୧୦୮୦ ଓ ସମିତି ସଭ୍ୟ ଭାବେ କୁରଦିଲା କୁଲୁ ୫୪୨, ଗଙ୍ଗାଜଳ ସରପଞ୍ଚ ଭାବେ ପ୍ରମିଳା ଗୁଡିଆ ୧୦୭୪ ଓ ସମିତି ସଭ୍ୟ ଭାବେ କୌସ୍ତୁଭ ଭୁଷଣ ହୋତା ୧୧୭୧ ଖଣ୍ଡ ଭୋଟ ପାଇ ଜୟଯୁକ୍ତ ହୋଇଛନ୍ତି।

# ଜିଲା ପରିଷଦ ଅଧ୍ୟକ୍ଷ ପଦ ନେଇ ଆଶାୟୀଙ୍କ ମଧ୍ୟରେ ଛକାପଞ୍ଝା

**ସୁନ୍ଦରଗଡ,୨୭।୨(ଡି.ଏନ୍.ଏ)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ସୁନ୍ଦରଗଡ ଜିଲାରେ ୩୫ଟି ଜିଲା ପରିଷଦ ଜୋନ୍ ମଧ୍ୟରୁ ପ୍ରଥମ ଦିନରେ ୧୭ଟି ଜୋନ୍‌ର ଭୋଟ ଗଣତିରେ ବିଜେଡି ୧୬ଟିରେ ବାଜିମାତ କରିଥିବା ବେଳେ ଗୋଟିଏରେ ସିପିଆଇଏମ୍ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଦ୍ୱିତୀୟ ଦିବସରେ ୧୭ଟି ଆସନର ଭୋଟ ଗଣତି କାର୍ଯ୍ୟ ଜାରି ରହିଛି। ଏଥିରେ ମଧ୍ୟ ବିଜେଡିର ଜୟଯାତ୍ରା ଜାରି ରହିଛି। ୨୮ରେ ଲାଠିକଟା ବ୍ଲକର ବାକିଥିବା ଗୋଟିଏ ଜିଲା ପରିଷଦ ଜୋନ୍‌ର ଭୋଟଗଣତି ପରେ ପୂର୍ଣ୍ଣାଙ୍ଗ ଫଳାଫଳ ଜଣାପଡିବ। ହେଲେ ବର୍ତ୍ତମାନ ସୁଦ୍ଧା ବିଜେଡି ଜିଲାର ୩୫ଟି ଜିଲାପରିଷଦ ଆସନ ମଧ୍ୟରୁ ମ୍ୟାଜିକ ଅଙ୍କ ୧୮ଡେଇଁ ନିରଙ୍କୁଶ ସଂଖ୍ୟାଗରିଷ୍ଠ ଦଳ ଭାବେ ବିଜୟର ଦ୍ୱାରଦେଶରେ ରହିଥିବାରୁ ଜିଲା ପରିଷଦର ଅଧ୍ୟକ୍ଷ କିଏ ହେବ ସେନେଇ ବର୍ତ୍ତମାନ ଠାରୁ ଛକାପଞ୍ଝା ଆରମ୍ଭ ହୋଇଯାଇଛି। ଚଳିତ ଥର ଜିଲାପରିଷଦ ଅଧ୍ୟକ୍ଷ ପଦ ଅନୁସୂଚିତ ଜନଜାତି ପ୍ରାର୍ଥୀଙ୍କ ସକାଶେ ସଂରକ୍ଷିତ ରହିଛି। ଗତ୨୦୧୭ ନିର୍ବାଚନରେ ବିଜେଡି କଂଗ୍ରେସ ସମର୍ଥନରେ ଜିଲା ପରିଷଦ ଗଠନ କରିବାରେ ସକ୍ଷମ ହୋଇଥିଲା। ବିଜେଡି ଅଧ୍ୟକ୍ଷ ପଦ ରଖି ଉପାଧ୍ୟକ୍ଷ ପଦ କଂଗ୍ରେସ ହାତରେ ଦେଇଥିଲା। ସେତେବେଳେ ୩୫ଟି ଆସନ ମଧ୍ୟରୁ ଭାଜପା ୧୪, ବିଜେଡି ୧୩, କଂଗ୍ରେସ ୫ଟି, ସିପିଆଇ ଓ ସିପିଆଇଏମ୍ ଗୋଟିଏ ଲେଖାଏଁ ଆସନରେ ବିଜୟୀ ହୋଇଥିବା ବେଳେ ଗୋଟିଏ ଆସନରେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଥିଲେ। ଜିଲା ପରିଷଦ ଅଧ୍ୟକ୍ଷ ପଦ ପାଇଁ ହୋଇଥିବା ଭୋଟ ବେଳେ ବିଜେଡି ପ୍ରାର୍ଥୀଙ୍କ ସହ କଂଗ୍ରେସ ଓ ସିପିଆଇ ଭୋଟ ଦେଇଥିବା ବେଳେ ସିପିଆଇଏମ୍ ଭୋଟଦାନରୁ ବିରତ ରହିଥିଲା। ଏଥର ବିଜେଡି ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ହାସଲ କରିଥିବାରୁ ଏକାକୀ ପରିଷଦ ଗଠନ କରିବ। ହେଲେ ଜିଲା ପରିଷଦ ଅଧ୍ୟକ୍ଷ ପଦର ଶିରପା କାହା ମୁଣ୍ଡରେ ପିନ୍ଧାଯିବ ସେ ନେଇ ଦଳ ମଧ୍ୟରେ ଆଲୋଚନା ପର୍ଯ୍ୟାଲୋଚନା ଚାଲିଛି। ଦ୍ୱିତୀୟ ଦିବସରେ ଚାଲିଥିବା ଭୋଟ ଗଣତି ବେଳେ ରିପୋର୍ଟ ପଠା ହେବା ପର୍ଯ୍ୟନ୍ତ ୧୭ଟି ବ୍ଲକର ୧୭ଟି ଆସନ ମଧ୍ୟରୁ ନୂଆଁ ଗାଁ ବ୍ଲକ କ ଜୋନ୍‌ରେ ଭାଜପା ପ୍ରାର୍ଥିନୀ ସଂଜିତା କିସପଟ୍ଟା ୭୮୯୬ ଭୋଟପାଇ ଆଗୁଆ ଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦୀ ବିଜେଡିର ସୁଶୀଲା ଟପ୍ପୋ ୭୫୮୨ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଭୋଟବ୍ୟବଧାନ କମ୍ ଥିବାରୁ ପରବର୍ତ୍ତୀ ରାଉଣ୍ଡରେ ବିଜେଡି ଆଗକୁ ଯାଇପାରେ। ଅବଶିଷ୍ଟ ୧୬ଟି ଆସନରେ ବିଜେଡି ପ୍ରାର୍ଥୀମାନେ ଆଗୁଆ ରହିଥିବାରୁ ଜିଲାରେ ବିଜେଡି ଜିଲାପରିଷଦ ଗଠନ କରିବା ନିଶ୍ଚିତ ହୋଇଯାଇଛି। ବିଗତ୧୯୯୭ରେ କଂଗ୍ରେସ ଝାଡଖଣ୍ଡ ମୁକ୍ତିମୋର୍ଚ୍ଚା ସହ ମିଶି ଜିଲାପରିଷଦ ଗଠନ କରିଥିଲା। ନୂଆଗାଁ ବ୍ଲକରୁ ଜେଏମଏମ୍‌ର ହର୍ଷିତା ଲୁଗୁନ୍ ଅଧ୍ୟକ୍ଷା ହୋଇଥିଲେ ଓ କଂଗ୍ରେସର ପ୍ରତାପ ମହନ୍ତ ଉପାଧ୍ୟକ୍ଷ ହୋଇଥିଲେ। ୨୦୦୨ରେ କଂଗ୍ରେସ ଜିଲା ପରିଷଦ ଗଠନ କରିଥିଲା। ସେତେବେଳେ ୩୫ଟି ଆସନରୁ ୨୩ଟିରେ କଂଗ୍ରେସ ବିଜୟୀ ହୋଇ ବଣାଇଁ ଉପଖଣ୍ଡ ଲହୁଣୀପଡାର ରଣଜିତ କିଶାନ ପରିଷଦର ଅଧ୍ୟକ୍ଷ ହୋଇଥିବା ବେଳେ କୁଆଁରମୁଣ୍ଡାର ନିମନ୍ତୀ ଲୁଗୁନ୍ ଉପାଧ୍ୟକ୍ଷା ହୋଇଥିଲେ। ୨୦୦୭ରେ କଂଗ୍ରେସ ପୁଣି ଜେଏମ୍ଏମ୍ ସହିତ ମିଶି ଜିଲାପରିଷଦ ଗଠନ କରିଥିଲା ଓ ନୂଆଁଗାଁ ବ୍ଲକର ସେରୋଫିନା ଟପ୍ପୋ ଅଧ୍ୟକ୍ଷା ହୋଇଥିଲେ। ୨୦୧୨ରେ ବିଜେଡି ଜିଲା ପରିଷଦ ଗଠନ କରିଥିଲା ଓ ଲେଫ୍ରିପଡା ବ୍ଲକର ପିତୃଷ ଟପ୍ପୋ ଅଧ୍ୟକ୍ଷ ହୋଇଥିଲେ। ସେହିପରି ୨୦୧୭ରେ ବିଜେଡି କଂଗ୍ରେସ ସମର୍ଥନରେ ପରିଷଦ ଗଠନ କରିଥିଲା। ନୂଆଗାଁ ବ୍ଲକର ଏମା ଏକ୍କା ଜିଲାପରିଷଦ ଅଧ୍ୟକ୍ଷା ଆସନରେ ଆସୀନ ହୋଇଥିଲେ। ନୂଆଗାଁ ବ୍ଲକର ଜିଲା ପରିଷଦ ପ୍ରାର୍ଥୀମାନେ ୩ଥର ଜିଲା ପରିଷଦ ଅଧ୍ୟକ୍ଷ ପଦରେ ଆସୀନ ହୋଇଥିଲେ। ଏଥର ବିଜେଡି କେଉଁ ବ୍ଲକର ପ୍ରାର୍ଥୀଙ୍କୁ ଅଧ୍ୟକ୍ଷ ପଦରେ ବସାଇବ ସେ ନେଇ ଦେଖିବାକୁ ବାକିଥିବା ବେଳେ ବଣାଇଁ ଉପଖଣ୍ଡର ପ୍ରାର୍ଥୀଙ୍କୁ କିମ୍ବା କୁଆଁରମୁଣ୍ଡା ବ୍ଲକର ପ୍ରାର୍ଥୀକୁ ସୁଯୋଗ ମିଳିପାରେ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି।

## ରାଜଗାଙ୍ଗପୁର: କମ୍ ଭୋଟ ବ୍ୟବଧାନରେ ବିଜୟୀ

**ରାଜଗାଙ୍ଗପୁର,୨୭।୨(ଡି.ଏନ୍.ଏ.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରରେ ୨ଜଣ ପ୍ରାର୍ଥୀ ଅତି କମ୍ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ରାଜଗାଙ୍ଗପୁର 'କ' ଜୋନ ପାଇଁ ୧୨ଟି ପଞ୍ଚାୟତର ଫଳାଫଳ ଘୋଷଣା ହୋଇସାରିଛି। ୧୨ଟି ପଞ୍ଚାୟତରେ ସରପଞ୍ଚ ଓ ସମିତି ସଭ୍ୟ ପଦଗୁଡିକ ପାଇଁ କଡା ଟକ୍କର ରହିଥିବା ବେଳେ ବହୁ କମ୍ ଭୋଟ ବ୍ୟବଧାନରେ ଜିତିବାର ଶ୍ରେୟ କିଛି ନେବା ସହ ସାଧାରଣରେ ପ୍ରଶଂସିତ ହୋଇପାରିଛନ୍ତି। ତନ୍ମଧ୍ୟରୁ ରାଇକାକଛର ପଞ୍ଚାୟତର ସରପଞ୍ଚ ଭାବେ ସମରା ଲାକ୍ରା ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀଙ୍କଠାରୁ ମାତ୍ର ୬ ଖଣ୍ଡ ଭୋଟ ବ୍ୟବଧାନରେ ଜିତିବାର ଶ୍ରେୟ ପାଇଛନ୍ତି। ସେହିପରି ଜରେଇକେଲା ସମିତି ସଭ୍ୟ ପଦ ପାଇଁ ସେମ ଟପ୍ପୋ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀଙ୍କ ଠାରୁ ୭ ଖଣ୍ଡ ଭୋଟ ଅଧିକା ପାଇ ନିର୍ବାଚିତ ହୋଇଛନ୍ତି।

# ସମଲେଇ ମନ୍ଦିରରୁ ଲକ୍ଷାଧିକ ଟଙ୍କା ମୂଲ୍ୟର ଅଳଙ୍କାର ଚୋରି

**ଝାରସୁଗୁଡା ଅଫିସ୍,୨୭।୨**


ପୋଲିସ୍ ଓ ସାଇଣ୍ଟିଫିକ୍ ଟିମ୍ ମନ୍ଦିରରେ ତଦନ୍ତ କରୁଛନ୍ତି।

ବନହରପାଲି ଥାନା ଅନ୍ତର୍ଗତ ବନ୍ଧବାହାଲ ସମଲେଇ ମନ୍ଦିରରୁ ଶନିବାର ରାତିରେ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନା, ରୂପା ଅଳଙ୍କାର ସହ ଦାନବାକ୍ସରୁ ଟଙ୍କା ଚୋରି କରିନେଇଛନ୍ତି। ଏନେଇ ମନ୍ଦିର ପରିଚାଳନା କମିଟି ତରଫରୁ ରବିବାର ବନହରପାଲି ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏନେଇ ପୋଲିସ୍ ବନହରପାଲି ଥାନା କେଶ ନଂ୪୫/୨୨ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଏହି ଘଟଣାରେ ସମ୍ପୃକ୍ତଥିବା ସନ୍ଦେହକରି ପୋଲିସ୍ ଜଣେ ଯୁବକଙ୍କୁ ପଚରା ଉଚରା ଚଳାଇଛି। ଖବରପାଇ ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇ, ଆଇଆଇସି ରଶ୍ମିତା ବେହେରା, ବନ୍ଧବାହାଲ ଫାଣ୍ଡି ଅଧିକାରୀ ରବି ଶଙ୍କର ଭଇଁସାଲ ପ୍ରମୁଖ ପୋଲିସ୍ ଅଧିକାରୀମାନେ ସାଇଣ୍ଟିଫିକ୍ ଟିମ୍ ସହ ମନ୍ଦିରରେ ପହଁଞ୍ଚି ତଦନ୍ତ କରି ଫେରିଛନ୍ତି। ମନ୍ଦିର ସିସିଟିଭି ଫୁଟେଜରୁ ଜଣାପଡିଛି ଜଣେ ଯୁବକ ମୁହଁରେ କପଡାବାନ୍ଧି ରାତି ସାଢେ ୧ଟାରେ ମନ୍ଦିରରେ ପ୍ରବେଶକରି ମାଙ୍କ ନିକଟରୁ ଅଳଙ୍କାର ଚୋରିକରି ନେଇଛି। ମନ୍ଦିର ଦାନବାକ୍ସନେଇ ପାଚେରି ନିକଟରେ ଭାଙ୍ଗି ଟଙ୍କା ଚୋରି କରିଛି। ସେଠାରେ ଏକ ଲୁହାଛଡ ପଡିଥିବା ଦେଖିବାକୁ ମିଳିଛି। ଚୋରି ଅଳଙ୍କାର ମଧ୍ୟରେ ମାଙ୍କ ରୂପା ଛତର,୨ରୂପା ମୁକୁଟ,ପାଉଁଞ୍ଜି ସୁନା ଚାପସାରି ମାଳୀ,ସୁନା ମଙ୍ଗଳସୂତ୍ର,ସୁନା ନୋଥ,ସୁନା ଟିକିଲି ଆଦି ରହିଛି। ଏହିପରି ମନ୍ଦିର ଦାନବାକ୍ସରୁ ଲକ୍ଷାଧିକ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି।

## ଫାଇନାନ୍ସ କର୍ମଚାରୀଙ୍କଠୁ ଲୁଟ୍: ୪ ଗିରଫ

**ରାଉରକେଲା ଅଫିସ,୨୭।୨**

ଜଣେ ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍ ଅଭିଯୋଗରେ ବ୍ରାହ୍ମଣୀତରଙ୍ଗ ପୋଲିସ ୨ଜଣ ମହିଳାଙ୍କ ସହ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଦୁଇ ମହିଳା, ଗୌରବ ଗୁପ୍ତା(୨୪) ଏବଂ ସୁନ୍ଦର ଦାସ(୨୨)। ସମସ୍ତ ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ପୋଲିସ ସୂଚନା ଅନୁସାରେ, ସିଭିଲଟାଉନସିପ୍ ଅଞ୍ଚଳର ସୌମ୍ୟଶ୍ରୀ ସତ୍ୟଜିତ ମିଶ୍ର ସଙ୍ଗମ ଭାରତୀୟ ଫାଇନାନ୍ସ ଗ୍ରୁପ୍‌ରେ କାମ କରନ୍ତି। ଗତ ୨୩ ତାରିଖ ଅପରାହ୍ନ ଦିନ ସାଢ଼େ ୧ଟା ବେଳେ ସେ ଟାଇଁସର ଓ ଦଲକି ଅଞ୍ଚଳର ଗ୍ରାହକଙ୍କଠାରୁ ଟଙ୍କା କଲେକ୍ସନ କରି ଫେରୁଥିବାବେଳେ ତାଙ୍କୁ ୩ ଜଣ ଯୁବକ ମୁହଁରେ କଳାକପଡା ବାନ୍ଧି ଏକ ଗାଡି (ନଂ.ଓଡ଼ି୧୪ଏଚ/୨୮୮୫) ଯୋଗେ ପିଛା କରିଥିଲେ ଏବଂ ଦଲକି ଛକ ପୂର୍ବରୁ ନିଛାଟିଆ ଜାଗା ଦେଖି ସତ୍ୟଜିତଙ୍କ ବାଇକ୍‌କୁ ଧକ୍କା ଦେଇଥିଲେ। ସେ ତଳେ ପଡି ଯିବାରୁ ଦୁର୍ବୃତ୍ତମାନେ ତାଙ୍କ ଟଙ୍କା ଭର୍ତ୍ତି ବ୍ୟାଗ୍ ନେଇ ପଳାଇଥିଲେ। ଏ ନେଇ ଅଭିଯୋଗ ହୋଇଥିଲା।

## କୁଚିଣ୍ଡାରେ ହେମାନନ୍ଦ ବିଶ୍ୱାଳଙ୍କ ଶ୍ରଦ୍ଧାଞ୍ଜଳି ସଭା



ଶ୍ରଦ୍ଧାଞ୍ଜଳି ସଭା।

**କୁଚିଣ୍ଡା,୨୭।୨(ଡି.ଏନ.ଏ.)**

ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା କୁଚିଣ୍ଡାସ୍ଥିତ ଆଦିବାସୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁବାସ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। ଏଥିରେ କୁଚିଣ୍ଡା ବ୍ଲକର ପୂର୍ବତନ ଅଧକ୍ଷ କରୁଣା କର କିସାନ,ଆଡଭୋକେଟ ହୃଦାନନ୍ଦ ଶର୍ମା, ରଶ୍ମିକାନ୍ତ ସାମଲ, ରମେଶ ଚନ୍ଦ୍ର ପ୍ରଧାନ, ମନିନ୍ଦ୍ର ନାୟକ, ଯମୁନା ପୋଢ, ସୁପ୍ରଭା ବାଗ, ଡାଳିମ୍ବ ବରିହା, ମନିଷା ହଂସ ପ୍ରମୁଖ ଯୋଗଦେଇ ଦଳିତ ବର୍ଗଙ୍କ ପ୍ରତି ହେମାନନ୍ଦଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦୀପ୍ତି ଧୁରୁଆ, ପିଙ୍କି କିସାନ, ଭୂମିସୁତା ମାଝୀ, ସୁମତି ଟପ୍ପୋ, ଲଳିତା ଭୁକ୍ତା, ସସ୍ମିତା ମରେଇ ପ୍ରମୁଖ ଯୋଗଦେଇ ହେମାନନ୍ଦଙ୍କ ସ୍ମୃତି ଚାରଣ କରିଥିଲେ।

# ଝାରସୁଗୁଡା ଜିଲାର ସରପଞ୍ଚ, ସମିତିସଭ୍ୟ ବିଜୟୀ ପ୍ରାର୍ଥୀ

**ଝାରସୁଗୁଡା ଅଫିସ୍, ୨୭।୨**

ଝାରସୁଗୁଡା ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟ୍ ଗଣତି ଶେଷ ହୋଇଥିବାବେଳେ ଏହାର ଫଳାଫଳ ପ୍ରକାଶ ପାଇଛି। ଏଥିମଧ୍ୟରେ ଝାରସୁଗୁଡା ବ୍ଲକ୍ ୭ପଞ୍ଚାୟତର ଫଳାପଳ ପ୍ରକାଶ ପାଇଛି। ଏଥିମଧ୍ୟରେ ଗୌରମାଲ ପଞ୍ଚାୟତ ସରପଞ୍ଚ ରାଜ କୁମାର ସାଏ, ସମିତିସଭ୍ୟ ପୁଷ୍ପା ଖଡିଆ,ଚାନ୍ଦନିମାଲ ପଞ୍ଚାୟତ ସରପଞ୍ଚ ଲକ୍ଷ୍ମୀଧର ମିଶ୍ର, ସମିତିସଭ୍ୟ ଜତିନ ଦେଓ, ହଂସାମୁରା କଂଟାପାଲି ପଞ୍ଚାୟତ ସରପଞ୍ଚ ଦେବାଞ୍ଚନ ସେଠ୍, ସମିତିସଭ୍ୟା ସ୍ନେହଲତା ଦୀପ୍,ମରାକୁଟା ପଂଚାୟତ ସରପଂଚ ଲୀଲି ତନ୍ତୀ,ସମିତିସଭ୍ୟା ସୁଜାତା ମେହେର, ଲୋଇସିଂହା ପଞ୍ଚାୟତ ସରପଞ୍ଚ ସନାତନ ରୋହିଦାସ, ସମିତିସଭ୍ୟ ଯୋଗେନ୍ଦ୍ର ଖଡିଆ,କୁଦୋପାଲି ପଞ୍ଚାୟତ ସରପଞ୍ଚ କଲ୍ୟାଣୀ ଦୀକ୍ଷିତ, ସମିତିସଭ୍ୟା ରଶ୍ମିତା ପ୍ରଧାନ, ରାଜପୁର ପଞ୍ଚାୟତ ସରପଞ୍ଚ ସରସ୍ୱତୀ ନାୟକ,ସମିତି ସଭ୍ୟା ସୁସ୍ମିତା ତନ୍ତୀ ବିଜୟୀ ହୋଇଛନ୍ତି। କିର୍ମିରା ବ୍ଲକ୍ ଅର୍ଡା ପଞ୍ଚାୟତ ସରପଞ୍ଚ ବିଣାପାଣୀ ପୋଢ, ସମିତିସଭ୍ୟା ଗୋଲାପି ଗର୍ଡିଆ,କିର୍ମିରା ପଞ୍ଚାୟତ ସରପଞ୍ଚ ସନ୍ତୋଷିନୀ ପଟେଲ, ସମିତିସଭ୍ୟା ବାସନ୍ତୀ ଧୁରୁଆ, ଗୌଡପାନପାଲି ପଞ୍ଚାୟତ ସରପଞ୍ଚ ରାଧାରାଣି ସା, ସମିତିସଭ୍ୟ କୃଷ୍ଣଚନ୍ଦ୍ର ପ୍ରଧାନ, ଝାରମୁଣ୍ଡା ପଞ୍ଚାୟତ ସରପଞ୍ଚ ଆଶା ସିହ୍ନା, ସମିତିସଭ୍ୟା ଦୁରାବତୀ ପ୍ରଧାନ, ନକ୍ସାପାଲି ପଞ୍ଚାୟତ ସରପଞ୍ଚ ପ୍ରିୟଦର୍ଶୀନୀ ଗୁର୍ଖା, ସମତିସଭ୍ୟା କୃଷ୍ଣପ୍ରୀୟା ସାହୁ,ବନ୍ଦପାଲି ପଞ୍ଚାୟତ ସରପଞ୍ଚ ତପି ମରେଇ, ସମତିସଭ୍ୟା ସାବିତ୍ରୀ ମାଝି, ଭୀମେଯାର ପଞ୍ଚାୟତ ସରପଞ୍ଚ ମନ ବାଗ୍, ସମିତି ସଭ୍ୟ ସିଦ୍ଧାର୍ଥ ଖରସେଲ୍, ସୁଲାହୀ ପଞ୍ଚାୟତ ସରପଞ୍ଚ ସଂକିତା ପଟେଲ,ସମିତିସଭ୍ୟା ଭାବେ ସବିତା ଅଗ୍ରୱାଲ ବିଜୟୀ ହୋଇଛନ୍ତି। ଲଇକେରା ବ୍ଲକ୍ ଅନ୍ତର୍ଗତ ସାହାସପୁର ପଞ୍ଚାୟତ ସରପଞ୍ଚ ସୁକାନ୍ତି ଜୟପୁରିଆ, ସମିତିସଭ୍ୟା ଭଗବତୀ ବେହେରା, ଖୁନ୍ତାମାଲ ପଞ୍ଚାୟତ ସରପଞ୍ଚ ସବ୍ୟସାଚୀ ସାହୁ, ସମିତିସଭ୍ୟା ରସବତୀ କିଷାନ, ଜାମମାଲ ପଞ୍ଚାୟତ ସରପଞ୍ଚ ଝରଣା ବୁଦୁଲା, ସମିତିସଭ୍ୟା ଲିଲିମା ମାଝି, ପାକେଲପଡା ପଞ୍ଚାୟତ ସରପଞ୍ଚ ସୁକେସିନୀ ପଟେଲ, ସମିତିସଭ୍ୟା ମୈଥିଳୀ ପଟେଲ, ବାବୁଛିପିଡିହି ପଞ୍ଚାୟତ ସରପଞ୍ଚ ମନୋଜ କୁମାର ପଟେଲ, ସମିତିସଭ୍ୟ ମନୋମୋହନ କଂସରାଳୀ,ତିଲେଇମାଲ ପଞ୍ଚାୟତ ସରପଞ୍ଚ ଟିକେଶ୍ୱର କଣ୍ଟା,ସମିତିସଭ୍ୟ ସଞ୍ଜୀତ ନାୟକ ବିଜୟୀହୋଇ ନିର୍ବାଚିତ ହୋଇଛନ୍ତି। କୋଲାବିରା ବ୍ଲକ୍ ଅନ୍ତର୍ଗତ ପରମାଣପୁର ପଞ୍ଚାୟତ ସରପଞ୍ଚ ଜାହ୍ନବୀ ପ୍ରଧାନ, ସମିତିସଭ୍ୟା ରମ୍ଭାବତୀ ଭୋଏ, କେଲେଣ୍ଡାମାଲ ପଞ୍ଚାୟତ ସରପଞ୍ଚ ସୁଶ୍ରୀତା ନାୟକ,ସମିତିସଭ୍ୟ ଭୋଜରାଜ ପଟେଲ, ରଘୁନାଥପାଲି ପଞ୍ଚାୟତ ସରପଞ୍ଚ ରଞ୍ଜନ ସରାଫ, ସମିତିସଭ୍ୟ ବୃନ୍ଦାବନ ନାୟକ, କୋଲାବିରା ପଞ୍ଚାୟତ ସରପଞ୍ଚ ଚେତାନନ୍ଦ ନାୟକ, ସମିତିସଭ୍ୟ ଦୀନବନ୍ଧୁ ଧୁରୁଆ, ସମାସିଂହା ପଞ୍ଚାୟତ ସରପଞ୍ଚ କରୁଣାକର ସେଠ୍, ସମିତିସଭ୍ୟା ମାଳାମଣି ସାହୁ, ସୋଡାମାଲ ପଞ୍ଚାୟତ ସରପଞ୍ଚ ଚନ୍ଦନ ପଟ୍ଟନାୟକ, ସମିତିସଭ୍ୟା ନିଳେନ୍ଦ୍ରୀ କାଲୋ, ପୋଖରାସାହ୍ଲେ ପଞ୍ଚାୟତ ସରପଞ୍ଚ ଲକ୍ଷ୍ମୀପ୍ରୀୟା ବେହେରା, ସମତିସଭ୍ୟ ସନ୍ତୋଷ ପଟେଲ, ଝୀଲାପାଲି ପଞ୍ଚାୟତ ସରପଞ୍ଚ ତିଳୋତମା ଛତ୍ରାନ, ସମିତିସଭ୍ୟା ସୁସିଲା ମହାନନ୍ଦ, କୁଲିହାମାଲ ପଞ୍ଚାୟତ ସରପଞ୍ଚ ବିନୋଦିନୀ ପଟେଲ, ସମିତିସଭ୍ୟା ସନ୍ତୋଷିନୀ ପିଙ୍ଗ୍ ବିଜୟୀ ହୋଇ ନିର୍ବାଚିତ ହୋଇଛନ୍ତି।

## ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କ୍ରୀଡା ପ୍ରତିଯୋଗିତା



ସମ୍ବଲପୁରସ୍ଥିତ ଜିଏମୟୁର କ୍ରୀଡା ପ୍ରତିଯୋଗିତାରେ ଅତିଥିଙ୍କ ସହ କୃତୀ ଖେଳାଳିମାନେ।

**ସମ୍ବଲପୁର,୨୭।୨(ବ୍ୟୁରୋ)**

ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମୟୁ)ର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବାଳିକା ବର୍ଗରେ ରିମାରାଣୀ ଓ ବାଳକରେ ପ୍ରଦ୍ୟୁମ୍ନ ଚାମ୍ପିୟାନ ଟ୍ରଫି ହାସଲ କରିଛନ୍ତି। ଦୁଇଦିନ ଧରି ଚାଲିଥିବା କ୍ରୀଡା ପ୍ରତିଯୋଗିତାରେ ମୋଟ ୨୯ଟି ଇଭେଣ୍ଟ ହୋଇଥିଲା। ଜିଏମୟୁ କୁଳପତି ପ୍ରଫେସର ଏନ.ନାଗାରାଜୁ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। କୁଳସଚିବ ଯୁଗଲେଶ୍ୱର ଦାଶ ଓ ଉପ କୁଳସଚିବ ଡ. ଉମାଚରଣ ପତି ଯୋଗଦେଇ କୃତି ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ପିଜି କାଉନସିଲ ଅଧକ୍ଷ ପ୍ରଫେସର ମୋହନ ମହମ୍ମଦ, ସହକାରୀ ପ୍ରାଧ୍ୟାପିକା ଡ.ନିମିତା ଷଡଙ୍ଗୀ ଅତିଥି ଭାବେ ଯୋଗ ଦେଇଥିଲେ। ଡ. ପ୍ରଦୋଷ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ତର୍ଜାତୀୟ ଆଥେଲେଟ ସୁନ୍ଦରମଣି ବାରିକ, ଲିଙ୍ଗରାଜ ବେହେରା, ଦିବ୍ୟାନୀ ଶୁକ୍ଳା, କସ୍ତୁଭ କୁମାର ସାହୁ ଓ ଆନନ୍ଦ ଚନ୍ଦ୍ର ପତି ଇଭେଣ୍ଟ ପରିଚାଳନା କରିଥିଲେ।

## ବିଶେଷଜ୍ଞ ମେଗା ସ୍ୱାସ୍ଥ୍ୟ ଶିବିର


ମେଗା ସ୍ୱାସ୍ଥ୍ୟ ଶିବିରକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି।

**ସମ୍ବଲପୁର,୨୭।୨(ବ୍ୟୁରୋ)**

ହୀରାକୁଦ ହିଣ୍ଡାଲକୋ ପକ୍ଷରୁ ଲରପଙ୍କଠାରେ ବିଶେଷଜ୍ଞ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କମ୍ପାନୀର କ୍ଲଷ୍ଟର ମୁଖ୍ୟ କୈଳାସ ନାଥ ପାଣ୍ଡେ ଅତିଥି ଭାବେ ଯୋଗଦେଇ ଶିବିର ଶୁଭାରମ୍ଭ କରିଥିଲେ। ହୀରାକୁଦ ଥାନା ଅଧିକାରୀ ବିଭୂତି ପ୍ରଧାନ, ବରିଷ୍ଠ ନାଗରିକ ସଂଘର ସଭାପତି ସୁରେନ୍ଦ୍ର ଚୌବେ, ସଂପାଦକ ମଧୁସୂଦନ ଦାସ, ହିଣ୍ଡାଲକୋ ମାନବ ସମ୍ବଳ ମୁଖ୍ୟ କ୍ରୀଷ୍ଣା ପାତ୍ରୀ, ଏଫଆରପି ପ୍ଲାଣ୍ଟ ମୁଖ୍ୟ ସୁରଜିତ ମିତ୍ର, ସ୍ମେଲଟର ମୁଖ୍ୟ ଦେବାଶିଷ ମଲ୍ଲିକ, ପାୱାର ମୁଖ୍ୟ ପ୍ରାଞ୍ଜଳ ପାଠକ, ଅର୍ଥ ବିଭାଗ ମୁଖ୍ୟ ଶ୍ରୀନାଥ ମିଶ୍ର ଯୋଗ ଦେଇ ଥିଲେ। ନେତ୍ରାନନ୍ଦ ଦୋରା, ଡା.ମନୋଜ କୁମାର ନନ୍ଦ, ଡା ପଦ୍ମାଳୟା ମିଶ୍ର, ଡା.ଚନ୍ଦନ ମାରାଣ୍ଡି, ଡା. ଆଶିଷ କୁମାର ନାୟକ, ଡା. ସୁନିଲ କୁମାର କର, ଡା. ସୁଜିତ ନାୟକ, ଡା. ଭରତ ଚନ୍ଦ୍ର ମିଶ୍ର ଯୋଗଦେଇ ୩୬୭ ରୋଗୀଙ୍କ ଚିକିତ୍ସା କରିଥିଲେ। ଶିବିରକୁ ହିଣ୍ଡାଲକୋ ମୁଖ୍ୟ ଡାକ୍ତର ସୁବ୍ରତ ଚାଟାର୍ଜୀ ପରିଚାଳନା କରିଥିଲେ। ଲରପଙ୍କ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ହିମାଦ୍ରି ଦେହୁରୀଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

# ୮ ଜିଲା ପରିଷଦ ଆସନ ହାତେଇଲା ବିଜେଡି

**ଝାରସୁଗୁଡା ଅଫିସ୍,୨୭।୨**

**ଝାରସୁଗୁଡା ଜିଲା**

**■ କଂଗ୍ରେସ ଗଡ଼ରେ ପଶିଲା ବିଜେଡି, ପ୍ରତିଦ୍ୱନ୍ଦ୍ୱୀ ଭାଜପା ନିରାଶ**

ଝାରସୁଗୁଡା ଜିଲାରେ ସମୁଦାୟ ୯ଜିଲା ପରିଷଦ ଜୋନ୍ ରହିଥିବାବେଳେ ସେଥିମଧ୍ୟରୁ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ୮ଜିଲା ପରିଷଦ ଆସନର ଫଳାଫଳ ପ୍ରକାଶ ପାଇଛି। ଏହି ୮ଜିଲା ପରିଷଦ ଆସନ ବିଜେଡି ହାତେଇଛି। ଏଥିମଧ୍ୟରେ ଝାରସୁଗୁଡା ବ୍ଲକ୍ ୧ନଂ. ଜିଲା ପରିଷଦ ଜୋନ୍‌ରେ ବିଜେଡି ପ୍ରାର୍ଥିନୀ ଝରଣା ସାଗର ୧୫,୬୬୬ଭୋଟ୍, ଭାଜପା ପ୍ରାର୍ଥିନୀ ପଦ୍ମିନୀ ପଟେଲ ୪,୧୭୦ଭୋଟ୍, କଂଗ୍ରେସ ପ୍ରାର୍ଥିନୀ ସୁଜତା ପଟ୍ଟଯୋଶୀ ୧,୮୧୮ଭୋଟ୍, ବିଏସ୍‌ପି ପ୍ରାର୍ଥିନୀ ସୁନିତା ମହାନନ୍ଦ ୧୪୬ ଭୋଟ୍ ପାଇଛନ୍ତି। ଏଥିମଧ୍ୟରେ ବିଜେଡି ପ୍ରାର୍ଥିନୀ ଝରଣା ସାଗର ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱି ଭାଜପା ପ୍ରାର୍ଥିନୀ ପଦ୍ମିନୀ ପଟେଲଙ୍କଠାରୁ ୧୧,୪୯୬ଅଧିକ ଭୋଟ୍‌ପାଇ ବିଜୟୀ ହୋଇଛନ୍ତି। ଝାରସୁଗୁଡା ବ୍ଲକ ୨ନଂ. ଜିଲା ପରିଷଦ ଜୋନ୍‌ରେ ବିଜେଡି ପ୍ରାର୍ଥୀ ଦିଗାମ୍ବର ଭୋଇ ୧୫୯୦୨ଭୋଟ୍ ପାଇଥିବାବେଳେ ଭାଜପା ପ୍ରାର୍ଥୀ ହେମରାଜ ସିଂହ ୬୮୧୭ଭୋଟ୍ ପାଇଛନ୍ତି। ଏଥିମଧ୍ୟରେ ବିଜେଡି ପ୍ରାର୍ଥୀ ଦିଗାମ୍ବର ଭୋଇ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱି ଭାଜପା ପ୍ରାର୍ଥୀ ହେମରାଜ ସିଂହଙ୍କୁ ନିକଟରୁ ୯୦୮୫ ଅଧିକ ଭୋଟ୍‌ପାଇ ବିଜୟୀ ହୋଇଛନ୍ତି। ଲଖନପୁର ବ୍ଲକ୍ ୧ନଂ. ଜିଲା ପରିଷଦ ଜୋନ୍‌ରେ ବିଜେଡି ପ୍ରାର୍ଥୀ ସନତ ସିଂହ ୨୧,୧୦୩ଭୋଟ୍, ଭାଜପା ପ୍ରାର୍ଥୀ ଚକାନନ୍ଦ ସା ୭,୬୫୮ଭୋଟ୍, କଂଗ୍ରେସ୍ ପ୍ରାର୍ଥୀ ଅଶୋକ ସାହୁ ୨,୬୫୮ଭୋଟ୍ ପାଇଛନ୍ତି। ଏଥିମଧ୍ୟରେ ବିଜେଡି ପ୍ରାର୍ଥୀ ସନତ ସିଂହ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱି ଚକାନନ୍ଦ ସାଙ୍କ ନିକଟରୁ ୧୩,୪୪୫ଅଧିକ ଭୋଟ୍‌ପାଇ ବିଜୟୀ ହୋଇଛନ୍ତି। ଲଖନପୁର ବ୍ଲକ୍ ୨ନଂ ଜୋନ୍‌ର ବିଜେଡି ପ୍ରାର୍ଥୀ ଅକ୍ଷୟ ସାହୁ ୧୭୬୩୩ଭୋଟ୍ ପାଇଥିବାବେଳେ ଭାଜପା ପ୍ରାର୍ଥୀ ଉତ୍ତମ ନେଗୀ ୬୯୬୨ଭୋଟ୍ ପାଇଛନ୍ତି। ଏଥିମଧ୍ୟରେ ବିଜେଡି ପ୍ରାର୍ଥୀ ଅକ୍ଷୟ ସାହୁ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱି ଭାଜପା ପ୍ରାର୍ଥୀ ଉତ୍ତମ ନେଗୀଙ୍କ ନିକଟରୁ ୧୦୬୭୧ଭୋଟ୍ ପାଇ ବିଜୟୀ ହୋଇଛନ୍ତି। ଲଇକେରା ବ୍ଲକ୍ ୧ନଂ. ଜିଲା ପରିଷଦ ଜୋନ୍‌ରେ ବିଜେଡି ପ୍ରାର୍ଥିନୀ ତୁଳାବତୀ ମିଞ୍ଜ ୧୦,୩୫୬ଭୋଟ୍, ଭାଜପା ପ୍ରାର୍ଥିନୀ ସବ୍ୟସିନୀ ପ୍ରଧାନ ୬,୦୩୭ଭୋଟ୍, କଂଗ୍ରେସ ପ୍ରାର୍ଥିନୀ ତପସ୍ୱିନୀ ମୁଣ୍ଡା ୭୭୩ଭୋଟ୍ ପାଇଛନ୍ତି। ଏଥିମଧ୍ୟରେ ବିଜେଡି ପ୍ରାର୍ଥିନୀ ତୁଳାବତୀ ମିଞ୍ଜ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱି ଭାଜପା ପ୍ରାର୍ଥିନୀ ସବ୍ୟାସିନୀ ପ୍ରଧାନଙ୍କ ନିକଟରୁ ୪,୩୧୯ଭୋଟ୍ ଅଧିକ ପାଇ ବିଜୟୀ ହୋଇଛନ୍ତି। ଲଇକେରା ବ୍ଲକ୍ ୨ନଂ ଜିଲା ପରିଷଦ ଜୋନ୍‌ରେ ବିଜେଡି ପ୍ରାର୍ଥୀନୀ ଅଞ୍ଜୁଲ୍ତା ବେହେରା ୮୪୯୨ଭୋଟ୍ ପାଇଥିବାବେଳେ ଭାଜପା ପ୍ରାର୍ଥିନୀ ସଞ୍ଜୁକ୍ତା ଓରାମ ୬୩୦୨ଭୋଟ୍ ପାଇଛନ୍ତି। ଏଥିମଧ୍ୟରେ ବିଜେଡି ପ୍ରାର୍ଥିନୀ ଅଞ୍ଜୁଲ୍ତା ବେହେରା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱି ଭାଜପା ପ୍ରାର୍ଥିନୀ ସଞ୍ଜୁକ୍ତା ଓରାମଙ୍କ ନିକଟରୁ ୨୧୯୦ ଭୋଟ୍ ଅଧିକ ପାଇ ବିଜୟୀ ହୋଇଛନ୍ତି। କୋଲାବିରା ବ୍ଲକ୍ ଜିଲା ପରିଷଦ ଜୋନ୍‌ରେ ବିଜେଡି ପ୍ରାର୍ଥୀ ନୃପଲାଲ୍ ପଶାୟତ ୧୮,୭୧୦ଭୋଟ୍, ଭାଜପା ପ୍ରାର୍ଥୀ ବଳରାମ ପାଣ୍ଡେ ୧୧,୯୮୭ଭୋଟ୍, କଂଗ୍ରେସ ପ୍ରାର୍ଥୀ ଶ୍ରୀକର ସାହୁ ୬୧୨ଭୋଟ୍ ପାଇଛନ୍ତି। ଏଥିମଧ୍ୟରେ ବିଜେଡି ପ୍ରାର୍ଥୀ ନୃପଲାଲ୍ ପଶାୟତ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱି ବଳରାମ ପାଣ୍ଡେଙ୍କ ନିକଟରୁ ୬,୭୨୩ ଭୋଟ୍ ଅଧିକ ପାଇ ବିଜୟୀ ହୋଇଛନ୍ତି। କିର୍ମିରା ବ୍ଲକ୍ ଜିଲା ପରିଷଦ ଜୋନ୍‌ରେ ବିଜେଡି ପ୍ରାର୍ଥିନୀ ରୀତା ବାଗ ୧୬,୨୯୨ଭୋଟ୍, ଭାଜପା ପ୍ରାର୍ଥିନୀ ଜ୍ୟୋସ୍ନା ବିଶ୍ୱାଳ ୯,୧୬୭ଭୋଟ୍, କଂଗ୍ରେସ ପ୍ରାର୍ଥିନୀ ପ୍ରମିଳା ଚିଲ ୮୧୮ଭୋଟ୍ ପାଇଛନ୍ତି। ଏଥିମଧ୍ୟରେ ବିଜେଡି ପ୍ରାର୍ଥିନୀ ରୀତା ବାଗ୍ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱି ଜ୍ୟୋସ୍ନା ବିଶ୍ୱାଳଙ୍କ ନିକଟରୁ ୭,୧୨୫ଭୋଟ୍ ଅଧିକ ପାଇ ବିଜୟୀ ହୋଇଛନ୍ତି। ସୂଚନାଯୋଗ୍ୟ ଗତ ୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଏହି ୮ଜିଲା ପରିଷଦ ଆସନ କଂଗ୍ରେସ ହାତେଇଥିବାବେଳେ ବିଜେଡି କଂଗ୍ରେସର ପ୍ରତିଦ୍ୱନ୍ଦ୍ୱି ଦଳ ହୋଇଥିଲା। ଚଳିତ ନିର୍ବାଚନରେ ବିଜେଡି ଏହି ୮ଆସନ ହାତେଇଥିବାବେଳେ ପ୍ରତିଦ୍ୱନ୍ଦ୍ୱିଭାବେ ଭାଜପା ଦଳ ଦ୍ୱିତୀୟ ସ୍ଥାନ ଓ କଂଗ୍ରେସ ଦଳ ତୃତୀୟ ସ୍ଥାନରେ ରହିଛି। ଏଥର କଂଗ୍ରେସ ଦଳ ଖାତା ଖୋଲିପାରି ନ ଥିବାବେଳେ କଂଗ୍ରେସ ଗଡରେ ବିଜେଡି ଦଳ ଧଶେଇ ପଶିଛି। ଝାରସୁଗୁଡା ବିଧାୟକ ନବ କିଶୋର ଦାସ ପୂର୍ବରୁ କଂଗ୍ରେସ ଦଳରେ ରହିଥିବାବେଳେ ଏହା ସମ୍ଭବ ହୋଇଥିଲା। ବିଧାୟକ ଦାସ କଂଗ୍ରେସ ଦଳ ଛାଡି ବିଜେଡି ଦଳକୁ ଆସିବାପରେ ଏହି ୮ଜିଲା ପରିଷଦ ଆସନ ବିଜେଡି ଦଳକୁ ଚାଲିଯାଇଛି। ଏହା ଦଳର ଭାବମୂର୍ତ୍ତି ନୁହେଁ ଏହା ନେତାଙ୍କ କମାଲ ବୋଲି କୁହାଯାଉଛି।

## ସ୍ନାୟୁ ଟ୍ୟୁମରର ବିରଳ ଅସ୍ତ୍ରୋପଚାର

ସୋନପୁର,(ନି.ପ୍ର.): ବୌଦ୍ଧ ଜିଲା ଶୁଣ୍ଢିପଦର ପଞ୍ଚାୟତ ଧୁଙ୍ଗିଆପଦର ଗ୍ରାମର ବ୍ରଜ ମୋହନ କର୍ମୀ(୫୧)ଙ୍କର ସ୍ନାୟୁ ଟ୍ୟୁମରର ବିରଳ ଅସ୍ତ୍ରୋପଚାର ହୋଇଛି। ଉଲୁଣ୍ଡା ବ୍ଲକ ଧର୍ମଶାଳାସ୍ଥିତ କପିଳେଶ୍ୱର ଚାରିଟେବୁଲ ହସ୍ପିଟାଲରେ ରବିବାର ତାଙ୍କର ସଫଳ ଅସ୍ତ୍ରୋପଚାର ହୋଇଛି। ଡାକ୍ତର ପ୍ରକାଶ ଚନ୍ଦ୍ର ଦଣ୍ଡସେନାଙ୍କ ତତ୍ତ୍ୱାବଧାନରେ କର୍ଣ୍ଣ ଓ ନାଶ ବିଶେଷଜ୍ଞ ଡାକ୍ତର ରାମି ରଞ୍ଜନ ହୋତା ଏବଂ ସର୍ଜନ ଡାକ୍ତର ଜସ୍ମିନ କୁମାର ପାଣିଗ୍ରାହୀ ଅସ୍ତ୍ରୋପଚାର କରିଛନ୍ତି। ବେକରେ ହୋଇଥିବା ଟ୍ୟୁମରର ଅସ୍ତ୍ରୋପଚାର ପାଇଁ ବ୍ରଜ ମୋହନଙ୍କୁ ବୁର୍ଲା ମେଡିକାଲ କଲେଜରୁ ଏମ୍ସ ଭୁବନେଶ୍ୱର କିମ୍ବା ଏସସିବି କଟକର ନ୍ୟୁରୋ ସର୍ଜରୀକୁ ରେଫର କରାଯାଇଥିଲା। ଏଭଳି ବିରଳ ଅସ୍ତ୍ରୋପଚାର ହୋଇ ପାରି ଥିବାରୁ ଅଞ୍ଚଳରେ ଖୁସିର ଲହର ଖେଳିଯାଇଛି।

# ହେଭିୱେଟ୍‌ଙ୍କ ଗଡ଼ ଭାଙ୍ଗିଦେଲା ବିଜେଡି

■ ଗଣତାନ୍ତ୍ରିକ ଉପାୟରେ ଲୋକେ ଏକଚ୍ଛତ୍ରବାଦକୁ ସମର୍ଥନ କରିଛନ୍ତି: ନରସିଂହ

■ ଲୋକେ ସୁଶାସନ ଚାହୁଁନାହାନ୍ତି, ଟଙ୍କା ଚାହୁଁଛନ୍ତି: କନକ ବର୍ଦ୍ଧନ

ବଲାଙ୍ଗୀର ଅଫିସ, ୨୭।୨

ବଲାଙ୍ଗୀର ଜିଲାର ଦୁଇ ହେଭିୱେଟ୍ କଂଗ୍ରେସ ଦଳର ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଓ ଭାଜପାର କନକ ବର୍ଦ୍ଧନ ସିଂଦେଓଙ୍କ ଗଡ଼ରେ ଚଳିତ ପଞ୍ଚାୟତ ନିର୍ବାଚନରେ ବିଜେଡି ବାଜିମାତ୍ କରିଛି। ୨୦୧୭ ପଞ୍ଚାୟତ ନିର୍ବାଚନରେ ଭାଜପା ପକ୍ଷରୁ ବଲାଙ୍ଗୀରରେ ଜିଲା ପରିଷଦ ଗଠନ କରାଯାଇଥିଲା। ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ଓ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କ ନେତୃତ୍ୱରେ ୩୪ ଜିଲା ପରିଷଦ ଆସନରୁ ୨୩ ଆସନ ଅକ୍ତିଆର କରି ଭାଜପା ଶକ୍ତି ପ୍ରଦର୍ଶନ କରିଥିଲା। ଗତ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ବିଶେଷ ଭଲ ପ୍ରଦର୍ଶନ କରିପାରି ନ ଥିଲେ ମଧ୍ୟ ଦୁଇଟି ଜିଲା ପରିଷଦ ଆସନରେ ଦଳୀୟ ପ୍ରାର୍ଥୀ ବିଜୟୀ ହୋଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଓ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ବିଜୟୀ ହୋଇ କଂଗ୍ରେସର ଶକ୍ତି ପ୍ରଦର୍ଶନ କରିଥିଲେ। ତେବେ ଚଳିତ ପଞ୍ଚାୟତ ନିର୍ବାଚନରେ ଜିଲାର ରାଜନୈତିକ ଚିତ୍ର ସମ୍ପୂର୍ଣ୍ଣ ଓଲଟପାଲଟ ହୋଇଯାଇଛି। ପ୍ରଥମ ଦିନ ଭୋଟ ଗଣତି ପରେ ୧୪ ଜିଲା ପରିଷଦ ଆସନରୁ ୧୨ଟିରେ ବିଜେଡି ବାଜିମାତ୍‌କରିଛି। ଗୋଟିଏ ସିଟ୍‌ରେ ଭାଜପା ଓ ଅନ୍ୟ ଗୋଟିଏରେ କଂଗ୍ରେସ ସୀମିତ ରହିଛି। ସବୁଠୁ ଚକିତ କଲାଭଳି କନକଙ୍କ ଗଡ଼ କୁହାଯାଉଥିବା ପାଟଣାଗଡ଼ ନିର୍ବାଚନ ମଣ୍ଡଳୀରେ ବିଜେଡି ବାଜିମାତ୍ କରିଛି।

ପ୍ରଥମ ପର୍ଯ୍ୟାୟ ଭୋଟ ଗଣତି ପରେ ପାଟଣାଗଡ଼, ଖପ୍ରାଖୋଲ ଓ ବେଲପଡ଼ାର ଘୋଷିତ ତିନି ଆସନରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ଗଣତିରେ ବିଜେଡି ପ୍ରାର୍ଥୀ ଆଗୁଆ ରହିଛନ୍ତି। ଏଭଳି ଏକ ପରିସ୍ଥିତିକୁ ନେଇ ବରିଷ୍ଠ ଭାଜପା ନେତା କନକ ବର୍ଦ୍ଧନ ସିଂଦେଓଙ୍କୁ ପଚରାଯିବାରୁ ସେ କହିଛନ୍ତି ଯେ, ପଞ୍ଚାୟତ ନିର୍ବାଚନ ଫଳାଫଳ ଯାହା, ତାକୁ ଗ୍ରହଣ କରିବାକୁ ପଡ଼ିବ। ଏବେ ଆମର ଦୁର୍ବଳତା କେଉଁଠି ଥିଲା, କେଉଁ କାରଣରୁ ଆମେ ଏପ୍ରକାର ପରିସ୍ଥିତିରେ ପଡିଲୁ ସେ ନେଇ ବିଚାର କରାଯିବ। ତେବେ ଗୋଟିଏ କଥା କହିବି, ଲୋକମାନେ ଗୋଟିଏ କଥା କହୁଛନ୍ତି ଓ ଆଉ ଗୋଟିଏ କରୁଛନ୍ତି। ଲୋକେ ଗଣତନ୍ତ୍ରକୁ ଆଉ ବିଶ୍ୱାସ କରୁନାହାନ୍ତି। ଲୋକେ ସବୁ ଜିନିଷ ବିକ୍ରିଯୋଗ୍ୟ ବୋଲି ଭାବୁଛନ୍ତି। ଲୋକେ ସୁଶାସନ ନୁହେଁ, ଟଙ୍କା ଚାହୁଁଛନ୍ତି। ଯିଏ ଯେତେ ଅଧିକ ଦେଲା ସିଏ ଜିତୁଛି ବୋଲି ସେ କହିଛନ୍ତି।

ଗତ ପଞ୍ଚାୟତ ନିର୍ବାଚନରେ ବଲାଙ୍ଗୀର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୪ ଜିଲା ପରିଷଦ ଆସନରୁ କଂଗ୍ରେସ ଗୋଟିଏ ସିଟ୍ ଜିତିଥିଲା। ଚଳିତ ପଞ୍ଚାୟତ ନିର୍ବାଚନରେ ଏହି ୪ ଆସନରୁ ୨ଟିରେ ବିଜେଡି ଜିତିସାରିଥିବାବେଳେ ଅନ୍ୟ ଦୁଇଟିରେ ବିଜେଡି ପ୍ରାର୍ଥୀ ଆଗୁଆ ରହିଛନ୍ତି। ଗଡ଼ ରକ୍ଷା କରିବାରେ କଂଗ୍ରେସର ହେଭିୱେଟ୍ ନେତା ବିଧାୟକ ମିଶ୍ର ସଫଳ ହୋଇନାହାନ୍ତି। ଏନେଇ ତାଙ୍କ ପ୍ରତିକ୍ରିୟା ନିଆଯିବାରୁ ସେ କହିଥିଲେ ଯେ, ଚଳିତ ପଞ୍ଚାୟତ ନିର୍ବାଚନ ଫଳାଫଳକୁ ଦେଖି ଆଶ୍ଚର୍ଯ୍ୟ ହୋଇଛି। ଯାହା ଆଶା କରିଥିଲୁ ସେଥିରେ ନିରାଶ ହୋଇଛୁ। କଂଗ୍ରେସ ଦଳ ପାଇଁ ଏହା ଗୋଟେ ବିପର୍ଯ୍ୟୟ। ଆମକୁ ଆତ୍ମଚିନ୍ତନ କରିବାକୁ ପଡ଼ିବ। ରାସ୍ତା ଖୋଜିବାକୁ ପଡ଼ିବ। ତେବେ ବି ଜନମତକୁ ସମ୍ମାନ ଦେଉଛି। ଲୋକଙ୍କ ମତକୁ ମାନିବାକୁ ପଡ଼ିବ। ତେବେ ଓଡ଼ିଶାର ଯେଉଁ ଭଉଣୀଭାଇ ଭୋଟ୍ ଦେଇ ଶାସକ ଦଳକୁ ବିପୁଳ ବିଜୟ ଦେଇଛନ୍ତି ସେମାନେ ଗଣତାନ୍ତ୍ରିକ ଉପାୟ ଅବଲମ୍ବନ କରି ଏକଚ୍ଛତ୍ରବାଦକୁ ସମର୍ଥନ କରିଛନ୍ତି।

## ସଂକ୍ଷେପରେ

### ତ୍ରୁଟିପୂର୍ଣ୍ଣ ଚିକିତ୍ସା, ରୋଗୀଙ୍କ ମୃତ୍ୟୁ ଅଭିଯୋଗ

ଲୋଇସିଂହା,୨୭।୨(ଡି.ଏନ.ଏ): ତ୍ରିଟିପୂର୍ଣ୍ଣ ଚିକିତ୍ସା ଯୋଗୁ ବଲାଙ୍ଗୀର ଜିଲା ଲୋଇସିଂହା ଡାକ୍ତରଖାନାରେ ଶନିବାର ସନ୍ଧ୍ୟାରେ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୋପଳପୁର ଗାଁର ବ୍ରଜବିହାରୀ ସାହୁ (୪୫)। ଏହାକୁ ନେଇ ଡାକ୍ତରଖାନାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଲୋଇସିଂହା ପୋଲିସ ଡାକ୍ତରଖାନାରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଅପରପକ୍ଷେ ମୃତଦେହ ବଲାଙ୍ଗୀରର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ବ୍ୟବଚ୍ଛେଦ କରି ରବିବାର ପୋଲିସ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ହୀରାପୁର ପଞ୍ଚାୟତ ଅନ୍ତର୍ଗତ ଗୋପାଳପୁର ଗାଁର ବ୍ରଜବିହାରୀ ସାହୁଙ୍କ ପେଟ ଦରଜ ଓ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଲୋଇସିଂହା ଡାକ୍ତରଖାନକୁ ଚିକିତ୍ସା ପାଇଁ ଆସିଥିଲେ। ଡାକ୍ତର ମାନସି ଥଏଡ ସ୍ୱାସ୍ଥ୍ୟ ପରୀକ୍ଷା ଔଷଧ ଦେବା ସହ ଇଞ୍ଜେକେଶନ ନେବାକୁ ପରାମର୍ଶ ଦେଇ ଘରକୁ ଚାଲି ଯାଇଥିଲେ। ଇଞ୍ଜେକଶନ ନେଲା ପରେ ବ୍ରଜବିହାରୀ ଗୁରୁତର ହୋଇପଡିଥିଲେ। ଡାକ୍ତର ବିଳମ୍ବରେ ଆସିଲା ବେଳକୁ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା ଏହାକୁ ନେଇ ଡାକ୍ତରଖାନରେ ମୃତକଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ପୂର୍ବତନ ଏମ୍‌ପି ବାଳଗୋପାଳ ମିଶ୍ର ଡାକ୍ତରଖାନାରେ ପହଞ୍ଚି ଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ଅବ୍ୟବସ୍ଥା, ଇସିଜି ମେଶିନ ଥାଇ ମଧ୍ୟ ବ୍ୟବହାର ନ କରିବା, ଏବଂ ରୋଗୀ ମୃତ୍ୟୁକୁ ନେଇ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ମିଶ୍ର ଦାୟୀ କରିଥିଲେ। ଦାୟି ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସ ନିକଟରେ ଦାବି କରିଥିଲେ। ଏହାକୁ ନେଇ ମୃତକଙ୍କ ପରିବାର ପକ୍ଷରୁ ଲୋଇସିଂହା ଥାନରେ ଏତଲା ଦିଆଯାଇଛି।

## କର୍ଲାମୁଣ୍ଡା ବ୍ଲକ କ' ଜୋନ୍: ସରପଞ୍ଚ, ସମିତିସଭ୍ୟ ଫଳ ପ୍ରକାଶ

କର୍ଲାମୁଣ୍ଡା,୨୭।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ କ' ଜିଲା ପରିଷଦ ଜୋନ ଅନ୍ତର୍ଗତ ୬ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡମେମ୍ବର ନିର୍ବାଚନ ବୃତାନ୍ତ ଫଳାଫଳ ହସ୍ତଗତ ହୋଇଛି। ରିଷିଡା ସରପଞ୍ଚ ଭାବେ ସେବତୀ ରଣା, କର୍ଲାମୁଣ୍ଡା ସରପଞ୍ଚ ଭାବେ ସର୍ଣଲତା ସାହୁ, ତେରେସିଙ୍ଗା ସରପଞ୍ଚ ଭାବେ ପ୍ରମୋଦ ସୁନା, ଗଜବାହାଲ ସରପଞ୍ଚ ଭାବେ ଅରବିନ୍ଦ ଗହୀର, ପୌରକେଲା ସରପଞ୍ଚ ଭାବେ ଯଶୋସ୍ୱିନୀ ଧରୁଆ ବିଜୟୀ ହୋଇଛନ୍ତି। ସମିତି ସଭ୍ୟ ଭାବେ ରିଷିଡାରୁ ନିମାଇଁ ଚରଣ ବେହେରା, କର୍ଲାମୁଣ୍ଡାରୁ ସୁରେନ୍ଦ୍ର ଭୋଇ, ତେରେସିଙ୍ଗାରୁ ଚନ୍ଦ୍ରମା ରଣା, ପୌରକେଲାରୁ ସୁଧୀର ଭୋଇ, ରାଜପୁରରୁ ନିରୁପମା ଭୋଇ, ଗଜବାହାଲରୁ କୁନି ସାହୁ ବିଜୟୀ ହୋଇଛନ୍ତି। କ' ଜିଲା ପରିଷଦ ଜୋନ ସଦସ୍ୟ ଭାବେ ବିଜେଡିର ମହେନ୍ଦ୍ର ରଣା ବିଜୟୀ ହୋଇଥିବା ବେଳେ ରବିବାର ବ୍ଲକର ଖ' ଜୋନର ଭୋଟ ଗଣତି ଆରମ୍ଭର ପାଞ୍ଚ ରାଉଣ୍ଡ ସୁଦ୍ଧା କଂଗ୍ରେସ ପ୍ରାର୍ଥୀ ସୁରେଶ ଚୌଧୁରୀ ଭାଜପାଠାରୁ ୧୫୭୬ ଭୋଟରେ ଆଗୁଆ ଥିବା ସୂଚନା ମିଳିଛି।

## ପ୍ଲାଏଉଡ୍ କାରଖାନାରୁ ମିଳିଲା ଝୁଲନ୍ତା ମୃତଦେହ

### ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ସଇଁତଲା, ୨୭।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଲା ଥାନା ତଥା କୁଇକେଡ଼ା ପଞ୍ଚାୟତ ଅଞ୍ଚଳରେ ଥିବା ପରିତ୍ୟକ୍ତ ପ୍ଲାଏଉଡ଼ କାରଖାନାରୁ ଜନୈକ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ କୁଇକେଡ଼ା ଗ୍ରାମ ପଞ୍ଚାୟତ ନିକଟରେ ରହୁଥିବା କ୍ଷିରସିନ୍ଧୁ ବାଗ (୪୫)। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ମୃତାଙ୍କ ସ୍ତ୍ରୀ କ୍ଷୀତିସୂତା ବାଗ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ଶନିବାର କୁଇକେଡ଼ା ପଞ୍ଚାୟତର ଭୋଟ ଗଣତି ଥିବାରୁ କିଏ ଜିତିଛି ଜାଣିବା ପାଇଁ ସ୍ତ୍ରୀଙ୍କୁ କହି କ୍ଷୀର ଘରୁ ବାହାରିଥିଲେ। ଘରକୁ ନ ଫେରିବାରୁ ତାଙ୍କର ଆଶଙ୍କା ବଢ଼ିଥିଲା। ରବିବାର ମଧ୍ୟାହ୍ନରେ ଜନୈକ ପୋଲିସ କର୍ମଚାରୀ ଆସି ତାଙ୍କ ସ୍ୱାମୀଙ୍କ ମୃତଦେହ ପ୍ଲାଏଉଡ଼ କାରଖାନା ମଧ୍ୟସ୍ଥ ଜଙ୍ଗଲରେ ଝୁଲୁଥିବା କହିଥିଲେ। ପୋଲିସ ନିକଟରେ ଅଭିଯୋଗ କରି ନ ଥିଲେ ମଧ୍ୟ ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ରେ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା କ୍ଷୀତିସୂତା କହଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଓଡ଼ିଶା ବନ ଉନ୍ନୟନ ନିଗମର ବନ୍ଦ ପଡ଼ିରହିଥିବା ପ୍ଲାଏଉଡ଼ କାରଖାନାରେ ଜଗୁଆଳି ଭାବରେ କାମ କରୁଥିବା ବିଦେଶୀ ବୁଢ଼େକ କାରଖାନା ଭିତର ଜଙ୍ଗଲରେ ଜନୈକ ବ୍ୟକ୍ତିଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ସଇଁତଲା ଥାନା ଅଧିକାରୀ ଅବନୀ ସାହୁ, ବଡ଼ମାଳ ଫାଣ୍ଡି ଅଧିକାରୀ ସର୍ବେଶ୍ୱର ସାହୁ ଘଟଣାସ୍ଥଳରେ ପହଞ୍ଚି ଆରମ୍ଭ କରିଥିଲେ।

## ଟାଏକୋଣ୍ଡୋ କ୍ରୀଡାବିତଙ୍କୁ ୪ସ୍ୱର୍ଣ୍ଣ, ୩ ରୌପ୍ୟ ପଦକ



ପଦକ ପାଇଥିବା କ୍ରୀଡାବିତ୍‌ମାନେ।

ଅମରପାଲି,୨୭।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଟାଏକୋଣ୍ଡୋ କ୍ରୀଡାବିତଙ୍କୁ ମିଳିଛି ସଫଳତା। ୬ଷ୍ଠ ମାର୍ଶଲ ଆର୍ଟ ଗେମ୍ସରେ ଗୋଆରେ କ୍ରୀଡାବିତଙ୍କୁ ମିଳିଛି ଏହି ସଫଳତା। ଗୋଆରେ ଅନୁଷ୍ଠିତ ୬ଷ୍ଠ ମାର୍ଶଲ ଆର୍ଟ ଗେମ୍ସରେ ସୁବର୍ଣ୍ଣପୁର ଜିଲାର ଏହେସାସ ଟାଏକୋଣ୍ଡୋ ଏକାଡେମୀର ୭ ଜଣିଆ ଟିମ ଗୋଆ ଯାଇଥିଲା। କୋଚ ଏହେସାସ ହୋତାଙ୍କ ନେତୃତ୍ୱରେ ଯାଇଥିବା ଏହି ଟିମତ୍‌ର ଆର୍ଯ୍ୟନ ମହାନ୍ତି, କୁମାର କାଶ୍ୟପ ଷଡଙ୍ଗୀ, ବିଶ୍ୱ ରଞ୍ଜନ ସାହୁ ଏବଂ ହର୍ଷିତା ନାୟକଙ୍କୁ ସ୍ୱର୍ଣ୍ଣପଦକ ମିଳିଛି। ପ୍ରିୟଦର୍ଶନୀ କର, ଅଭିଳାଶ ସାହୁ ଏବଂ ଶୁଭମ ସାମର୍ଥ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିଭଳି ଏହେସାସ ହୋତାଙ୍କୁ ଶ୍ରେଷ୍ଠ କୋଚଭାବେ ମଧ୍ୟ ପୁରସ୍କୃତ କରାଯାଇଛି। କ୍ରୀଡାବିତଙ୍କ ଏହି ସଫଳତା ସମ୍ପର୍କରେ ଖବର ପାଇ ଜିଲାପାଳ ଆବୋଲି ସୁନିଲ ନରୱାଣେ ଏବଂ ଜିଲା କ୍ରୀଡା ଅଧିକାରୀ ଇପସିତା ମିଶ୍ର ଫୋନ ଯୋଗେ ଏହେସାସ ଏବଂ ଅନ୍ୟ କୃତି କ୍ରୀଡାବିତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେହିଭଳି ରାଜ୍ୟ ଟାଏକୋଣ୍ଡୋ ସଂଘ ସମ୍ପାଦକ ମନମୋହନ ଭଞ୍ଜ ଏବଂ ଜିଲା ଟାଏକୋଣ୍ଡୋ ସଂଘ ସଭାପତି ରବୀନ୍ଦ୍ର ହୋତା ପ୍ରମୁଖ କୃତି କ୍ରୀଡାବିତ ତଥା କୋଚ ହୋତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଟାଏକୋଣ୍ଡୋ କ୍ରୀଡାବିତଙ୍କୁ ଟ୍ରେନିଂ ହଲର ବ୍ୟବସ୍ଥା କରାଯାଇଥିବାରୁ ଜିଲାପାଳ ନରୱାଣେଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

## ସିର୍ଜାପାଲି: ପ୍ରମୋଦ ସରପଞ୍ଚ ନିର୍ବାଚିତ

ତୁଣ୍ଡଲା,୨୭।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ସିର୍ଜାପାଲି ଗ୍ରାମ ପଞ୍ଚାୟତରେ ସରପଞ୍ଚ ଭାବେ ପ୍ରମୋଦ କୁମାର ଦାଶ ଏବଂ ସମିତି ସଭ୍ୟା ସୀତୟା ସାହୁ ବିଜୟୀ ହୋଇଛନ୍ତି। ତୁଣ୍ଡଲା ପଞ୍ଚାୟତରେ ସରପଞ୍ଚ ଭାବେ ସରୋଜ ସେଠ, ସମିତି ସଭ୍ୟା ଗିତାଞ୍ଜଳୀ ବାଗ, ବେଲଖଣ୍ଡି ପଞ୍ଚାୟତରେ ସରପଞ୍ଚ ସୁଶାନ୍ତ ବାଗ, ସମିତି ସଭ୍ୟ ପ୍ରଦୀପ ନାୟକ, ଦୁର୍ଲାଖମନରେ ସରପଞ୍ଚ ପ୍ରଭାତୀ ସାହୁ, ସମିତି ସଭ୍ୟ ଟୁକୁ ସାହୁ, ନୁନାମାଠରେ ପ୍ରେମଲାଲ ଭୋଇ, ସମିତି ସଭ୍ୟା ବବିତା ଭୋଇ ଏବଂ ହାତୀଖୋଜ ପଞ୍ଚାୟତରେ ସରପଞ୍ଚ ସୁନିତା କୁମାର ଓ ସମିତି ସଭ୍ୟା ମିନା ନନ୍ଦ ନିର୍ବାଚିତ ହୋଇଥିବା ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। ବିଜୟୀ ପରେ ସିର୍ଜାପାଲି ସରପଞ୍ଚ ପ୍ରମୋଦ ସମର୍ଥକମାନଙ୍କ ସହ ସବୁ ଗ୍ରାମ ଶୋଭାଯାତ୍ରାରେ ବୁଲି ଆଗାମୀ ୫ବର୍ଷ ପାଇଁ ଅଞ୍ଚଳର ବିକାଶ କାର୍ଯ୍ୟ କରିବା ପାଇଁ ଲୋକଙ୍କଠାରୁ ଆଶୀର୍ବାଦ ଲାଭ କରିଥିଲେ। ସେହିପରି ଅନ୍ୟ ସମସ୍ତ ପଞ୍ଚାୟତରେ ସରପଞ୍ଚମାନେ ଶୋଭାଯାତ୍ରାରେ ବାହାରି ଆଶୀର୍ବାଦ ଲାଭ କରିଥିଲେ।

## ୨ରେ ଭାଜପା, ୪ ଆସନରେ ବିଜେଡି ଆଗୁଆ

ବରଗଡ଼ ଅଫିସ୍,୨୭।୨

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗଣତି ରବିବାର ହୋଇଥିଲା। ଏହି ପର୍ଯ୍ୟାୟରେ ମଧ୍ୟ ଜିଲାର ୧୨ ଜିଲା ପରିଷଦ ଜୋନ୍‌ର ଭୋଟ ଗଣତି କାର୍ଯ୍ୟକ୍ରମ ଥିଲା। ତେବେ ଭାଜପା, କଂଗ୍ରେସ ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର ପରେ ଅମ୍ବାଭୋନା (ଜୋନ୍ ନଂ-୬)ରୁ ବିଜେଡ଼ି ପ୍ରାର୍ଥିନୀ କଳ୍ପନା ପ୍ରଧାନ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଯୋଗୁ ୧୧ଜୋନ୍‌ର ଗଣତି ହୋଇଥିଲା। ରାତି ୧୦ଟା ସୁଦ୍ଧା ଉକ୍ତ ୧୧ ଜୋନ୍ ମଧ୍ୟରୁ ବିଜେଡ଼ି ୪ରେ ବିଜୟୀ ଓ ୪ରେ ଆଗୁଆ ଏବଂ ଭାଜପା ଗୋଟିଏରେ ଜିତିଥିବା ବେଳେ ୨ଟିରେ ଆଗୁଆ ରହିଥିଲା।

ଅତାବିରା (ଜୋନ୍ ନଂ.-୨)ରେ ବିଜେଡ଼ି ପ୍ରାର୍ଥୀ ରଣଜିତ ସାହୁ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ପୁଷ୍ପକ ଗାଇଗରିଆଙ୍କଠାରୁ ୧୯୧୫ଭୋଟରେ ଆଗୁଆ ରହିଛନ୍ତି। ବରଗଡ଼ (ଜୋନ୍ ନଂ.-୧୫)ରେ ବିଜେଡ଼ି ପ୍ରାର୍ଥିନୀ ପ୍ରଭାସିନୀ ପ୍ରଧାନ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ତପସ୍ୱିନୀ ସାହୁଙ୍କୁ ୧୬୩୪ ଭୋଟରେ ପରାସ୍ତ କରିଛନ୍ତି। ବରପାଲି (ଜୋନ୍ ନଂ.-୧୯)ରେ ବିଜେଡ଼ିର ଅନନ୍ତ ସେଠ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ରବିନ୍ଦ୍ର ବାଗଙ୍କଠାରୁ ୩୭୧୭ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି। ଭଟଲି (ଜୋନ୍ ନଂ.-୨୫)ରେ ବିଜେଡ଼ି ପ୍ରାର୍ଥୀ ଈଶ୍ୱର ଚନ୍ଦ୍ର ସାହୁ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର କିରଟୀ ଠାକୁରଙ୍କଠାରୁ ୩୦୯୬ଭୋଟରେ ଆଗୁଆ ଅଛନ୍ତି। ଭେଡ଼େନ (ଜୋନ୍ ନଂ.-୨୭)ରେ ବିଜେଡ଼ି ପ୍ରାର୍ଥୀ ସତ୍ୟଜିତ ପୁରୋହିତ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ଖିରେଶ ମହାକୁରଙ୍କଠାରୁ ୪୭୩୭ଖଣ୍ଡ ଅଧିକ ଭୋଟ ପାଇ ଜିତିଛନ୍ତି। ବିଜେପୁର (ଜୋନ୍ ନଂ.-୨୨)ରେ ଭାଜପା ପ୍ରାର୍ଥୀ ସୁଶାନ୍ତ ଗଡ଼ତୀୟା ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡ଼ିର ଜିତେନ୍ଦ୍ରୀୟ ପୂଜାହାରୀଙ୍କଠାରୁ ୧୩୯୧ ଭୋଟ ଅଧିକ ପାଇ ବିଜୟୀ ହୋଇଛନ୍ତି।

ଗାଇସିଲେଟ (ଜୋନ୍ ନଂ.-୮)ରେ ଭାଜପା ପ୍ରାର୍ଥୀ ଝରଣା ପାଣିଗ୍ରାହୀ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସୁକାନ୍ତୀ ସାହୁଙ୍କଠାରୁ ୫୧୮ଭୋଟରେ ଆଗୁଆ ରହିଛନ୍ତି। ଝାରବନ୍ଧ (ଜୋନ୍ ନଂ.-୧୦)ରେ ବିଜେଡ଼ି ପ୍ରାର୍ଥୀ ସନ୍ତୋଷ କୁମାର ବେହେରା ଭାଜପାର ଚନ୍ଦ୍ରମା ପଟେଲଙ୍କଠାରୁ ୩୬୨୪ ଭୋଟରେ ଆଗୁଆ ଅଛନ୍ତି। ପାଇକମାଳ (ଜୋନ୍ ନଂ.-୧୨)ରେ ଭାଜପା ପ୍ରାର୍ଥୀ ସୁରେନ୍ଦ୍ର ପ୍ରତାପ ସିଂ ବରିହା ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡ଼ିର ରାଜେନ୍ଦ୍ର କୁମାର ରାଉତଙ୍କଠାରୁ ୧୯୫ଭୋଟରେ ଆଗୁଆ ଅଛନ୍ତି। ସେହିପରି ରାଜବୋଡ଼ାସମ୍ବର (ଜୋନ୍ ନଂ.-୩୦)ରେ ବିଜେଡ଼ିର ପୂର୍ଣ୍ଣମା ରଣା ଭାଜପାର ନୀତୁ ବାଜପେୟୀଙ୍କୁ ୨୮୫୫ ଖଣ୍ଡ ଭୋଟରେ ହରାଇଛନ୍ତି। ସୋହେଲା (ଜୋନ୍‌ନଂ.-୩୩)ରେ ବିଜେଡ଼ି ପ୍ରାର୍ଥୀ ମୀତା ବିଶି ଭାଜପାର ରତ୍ନାବତୀ ଦୀପଙ୍କୁ ହରାଇ ବିଜୟୀ ହୋଇଛନ୍ତି।

## 'ଆଧ୍ୟାତ୍ମିକତା ମଣିଷ ମନର ଭ୍ରମ ଦୂର କରେ'



ଶିବପ୍ରସାଦ ପାଣ୍ଡିଆଙ୍କ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥି ଓ ଆଲୋଚକ।

### ସାମ୍ବାଦିକ ଗୌରବ ଶିବପ୍ରସାଦ ପାଣିଆଙ୍କ ୯୬ତମ ଜୟନ୍ତୀ

ବଲାଙ୍ଗୀର ଅଫିସ, ୨୭।୨

ବିପ୍ଳବୀ କବି, ସାମ୍ବାଦିକ ଗୌରବ ଶିବପ୍ରସାଦ ପାଣ୍ଡିଆଙ୍କ ୯୬ତମ ଜୟନ୍ତୀ ସମାରୋହ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଛି। ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ସାମ୍ପ୍ରତିକ ସମାଜ, ମାନସିକ ସ୍ଥିତି ଓ ଅଧ୍ୟାତ୍ମିକତା ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅତିଥି ଆଲୋଚକ ଭାବେ ବିଶ୍ୱାତ୍ମ ଚେତନା ପରିଷଦର ପ୍ରତିଷ୍ଠାତା ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ ଓ ତପୋବନ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀଶ୍ରୀ ତେଜୋମୟାନନ୍ଦ ସରସ୍ୱତୀ ଯୋଗଦାନ କରିଥିଲେ। ସଭାରେ ସ୍ୱର୍ଗତ ପାଣ୍ଡିଆଙ୍କ ଦୁଇପୁତ୍ର ଶିକ୍ଷାବିତ୍ ସୁଶୀଳ କୁମାର ପାଣ୍ଡିଆ ଓ ପ୍ରଫେସର ରବିଶଙ୍କର ପାଣ୍ଡିଆ ମଞ୍ଚାସୀନ ଥିଲେ। ଆଲୋଚକ ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ କହିଥିଲେ ଯେ, ସାମ୍ପ୍ରତିକ ସମାଜ ଏକ ଭ୍ରମିତ ସମାଜ। ଅର୍ଥ, କାମ ଓ ଅଧିକାର ପଛରେ ସମସ୍ତେ ଦୌଡୁଛନ୍ତି। ଦୁଇଟି ଅହଂକାରୀ ବ୍ୟକ୍ତିଙ୍କ ଅହଂକାରକୁ ନେଇ ଆଜି ଯୁଦ୍ଧ ସୃଷ୍ଟି ହେଉଛି ଓ ସାଧାରଣ ଜନତା ଏହାର କୁପରିଣତି ଭୋଗ କରୁଛନ୍ତି। ଏହା ହେଉଛି ଭ୍ରମିତ ମନର ପରିଚାୟକ। ଏହି ଭ୍ରମରୁ ମୁକୁଳିବାର ଏକମାତ୍ର ରାସ୍ତା ହେଉଛି ଆଧ୍ୟାତ୍ମିକତା ବୋଲି କହିଥିଲେ। ଅନ୍ୟତମ ଆଲୋଚକ ସ୍ୱାମୀ ତେଜୋମୟାନନ୍ଦ ସରସ୍ୱତୀ କହିଥିଲେ ଯେ, ଏକ ସନ୍ତୁଳିତ ସମାଜ ନିର୍ମାଣ ପାଇଁ ଶିକ୍ଷା, ସଂସ୍କାର, ସାମାଜିକ ସଚେତନତା, ସାଂସ୍କୃତିକ ବିକାଶ, ବିଜ୍ଞାନର ଉନ୍ନତି ଆବଶ୍ୟକ। ଏସବୁ ଆବଶ୍ୟକତା ଭିତରେ ମଣିଷ ନିଜକୁ ଚିହ୍ନିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମନ ଓ ଆତ୍ମାର ଶୁଦ୍ଧତା ପାଇଁ ଯୋଗ ସବୁଠୁ ଶ୍ରେୟସ୍କର ବୋଲି କହିଥିଲେ। ସଭାପତୀୟ ଅଭିଭାଷଣରେ ନାଟ୍ୟଭୂଷଣ ଛୁରିଆ ସ୍ୱର୍ଗତ ପାଣ୍ଡିଆଙ୍କ ସାଲିସ୍‌ବିହୀନ ଜୀବନ ଓ ଉଚ୍ଚାଙ୍ଗ ବ୍ୟକ୍ତିତ୍ୱ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ସଭାକୁ ବୀରେନ୍ଦ୍ର କୁମାର ଝାଙ୍କର ସଂଯୋଜନା କରିଥିଲେ। ସଭା ଆୟୋଜକ ସ୍ମୃତି କମିଟି ସଦସ୍ୟ ସନ୍ଦୀପ କୁମାର କୁଅଁର ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସହରର ବହୁ ବିଶିଷ୍ଟ ବ୍ୟକ୍ତି, ବୁଦ୍ଧିଜୀବୀ ଓ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

## ସିଦ୍ଧିଦୁର୍ଗା ପାହାଡ଼ରୁ ଆସିଥିଲା ୭୩୦ ପଥର

ଐତିହ୍ୟର ଓଡ଼ିଶା

■ ଅରାଗଡ଼ ପାହାଡ଼ରୁ ପଥର ଆଣିବା ବେଳେ ଶିବିର ପଡ଼ିଥିଲା ତରାବୋଇ ଗାଁରେ

■ ନୀଳଗିରିରୁ ପଥର ଆଣିବାକୁ ସାତୋଟି ନଦୀପଥ ଅତିକ୍ରମ କରିବାକୁ ପଡୁଥିଲା

ଡ. ସୁରେନ୍ଦ୍ର କୁମାର ମିଶ୍ର

ବରେନ୍ ପାହାଡ଼ ପଥର ଚିହ୍ନଟ ଦଳର ଦଳପତି ଥିଲେ ଗଦେଇ ମହାରଣା। ଗଦେଇ ମହାରଣା ଆଜି ନାହାନ୍ତି କି ବରେନ୍ ପାହାଡ଼ ବି ନାହିଁ। ତରାବୋଇ ଗାଁଲୋକେ ଚାଉଳ କେବଳ ଯୋଗେଇଥିଲେ ତା'ନୁହେଁ, ସେ ଗାଁରେ ଦିନେ ପଥୁରିଆଙ୍କ ପାଇଁ ଶିବିର ପଡ଼ିଥିଲା।

ଅରାଗଡ଼ ପାହାଡ଼ରେ ପଥର ଚିହ୍ନଟ ପାଇଁ ପହଞ୍ଚିବା ପରେ ରହିଥିଲେ ତରାବୋଇ ଗାଁରେ। ଦଳପତି ଥିଲେ ନିଧି ମହାରଣା। କାର୍ଯ୍ୟନିର୍ବାହ କରିବା ପାଇଁ ବୀରଭଞ୍ଜ ପରିଦର୍ଶନ ଦାୟିତ୍ୱରେ ଥିଲେ। ତରାବୋଇରେ ଭଞ୍ଜ ବଂଶର ଦାୟାଦଙ୍କୁ ଚିହ୍ନଟ କରିହେଲାନି। ତେବେ ସେ ଅରାଗଡ଼ର ହୋଇପାରନ୍ତି। ଭଞ୍ଜ ଏକ ସାଙ୍ଗିଆ ନୁହେଁ, ଏକ ରାଜ ଉପାଧି। ଶିବିର ପଡ଼ିଥିଲା ୩ ମାସ ୧୦ ଦିନ। ଶିବିର ପାଇଁ ଟିକରପଡ଼ା ଭଣ୍ଡାରରୁ ଆସିଲା ୧୭ ଭରଣ ୧୨ ଗୌଣୀ ଚାଉଳ। ସୁନା ଖର୍ଚ୍ଚ ହେଲା ୪୨୮ ମାଢ଼।

ଏଠାରୁ ୧୩୦୭ ଖଣ୍ଡ ରେଗେଡ଼ା କୁଣ୍ଡାପଥର କଟାଗଲା। କଟାଳି ନେଲେ ୩୪ ମାଢ଼ ସୁନା। ପଥର ବୋହିବାକୁ ଲାଗିଲା ୩୪୦ ମାଢ଼ ସୁନା। ଅରାଗଡ଼ରୁ ଏକ ପାଣି ଦଣ୍ଡା (ପ୍ରାକୃତିକ କେନାଲ) ଥିଲା ଦୟାନଦୀ ପର୍ଯ୍ୟନ୍ତ। ଚାପ ଆସିବାକୁ ତାହା ଖୋଳାଯାଇଥିଲା। ୩ଟି ବଡ଼ ଚାପରେ ପଥର ପହଞ୍ଚିଥିଲା ଦୟାନଦୀରେ। ସେଠୁ ୧୦ଟି ବଡ଼ ନୌକାରେ ଚାପରୁ କିଛି ପଥର କଢ଼ାଯାଇ ଲଦାଗଲା। ପଥର ଚାପ ଓ ନାହା ଚାଲିଲେ କୁଆଖାଇ ନଦୀକୁ। କୁଆଖାଇରୁ ସୋଲ ନଦୀକୁ। ଦୟା ନଦୀ ବହୁ ଇତିହାସର ସାକ୍ଷୀ। କୋଣାର୍କକୁ ପଥର ଆସିବାର ସାକ୍ଷୀ, ସତରେ ସେ କଥା କହିପାରୁଥାନ୍ତା କି! ଏହା ଥିଲା କୋଣାର୍କକୁ ଷୋହଳତମ ପଥର ଆସିବାର ପ୍ରସଙ୍ଗ।

ତାପଙ୍ଗ ମଧ୍ୟ ଦୟା ନଦୀ ପରି ଓଡ଼ିଶା ଇତିହାସର ଅନ୍ୟତମ ସାକ୍ଷୀ। ଠିକ୍ ସେମିତି ସୋଲ ନଦୀ ମଧ୍ୟ। ସୋଲ ନଦୀକୁ ଚାପ ନ ଆସିଲେ ଉଦିପୁର ଦଣ୍ଡାକୁ ଆସିପାରିବ ନାହିଁ। ଉଦିପୁର ଦଣ୍ଡା ସିଧା ପଦ୍ମତୋଳା ଗଣ୍ଡ ଦିଗରେ ସଂଯୋଗ ହୋଇଥିଲା।

ତାପଙ୍ଗମାଳର ୨୩୪ଟି ନାଲି ରେଗେଡ଼ା ସାହାଣ ପଥର ଦୟା ନଦୀ-ମହା ନଦୀ-ସୋଲ ନଦୀ-ଉଦିପୁର ଦଣ୍ଡା ଦେଇ ପଦ୍ମତୋଳା ଗଣ୍ଡ ନିକଟରେ ପହଞ୍ଚିଥିଲା। ତାପଙ୍ଗମାଳର ଭୀମଟାଙ୍ଗିରୁ ଏହି ପଥର ଆସିଥିଲା। ପଥୁରିଆଙ୍କ ଦଳପତି ଥିଲେ ନାରାୟଣ ମହାରଣା। ତାପଙ୍ଗ ଦଳବେହେରାଙ୍କ ପକ୍ଷରୁ କାର୍ଯ୍ୟ ତଦାରଖ କରୁଥିଲେ ବୀରମଲ୍ଲ। ତାପଙ୍ଗରେ ଶିବିର ପଡ଼ିଥିଲା ଚାରିମାସ। ଖର୍ଚ୍ଚ ହେଲା ୧୮୦ ମାଢ଼ ସୁନା। ତାପଙ୍ଗ ଭୀମଟାଙ୍ଗିରୁ ପଥର ଆସିବା ସତର ଥର, ଅଠର ଥର ପଥର ଆସିଥିଲା ନୀଳଗିରିରୁ। ନୀଳଗିରିରେ ଥିବା 'ପିଠଉଶୁଣି' ପାହାଡ଼ ତଳେ ଥିବା ବାହାରମୁଣ୍ଡା ଗାଁ ମୁଣ୍ଡରେ ଶିବିର ପକେଇ ରହିଥିଲେ ପଥୁରିଆ। ଦଳପତି ନାରାୟଣ ମହାପାତ୍ରଙ୍କ ସହିତ ଯାଇଥିଲେ ୧୭୦ ଜଣ ପଥୁରିଆ। ଏଠିକି ସବୁଠାରୁ ଅଧିକ ପଥୁରିଆ ଯାଇଥିବାର ଜଣାପଡୁଛି। ରହିଲେ ଦୀର୍ଘ ସାତ ମାସ। ଦାୟିତ୍ୱ ନେଇଥିଲେ ରତ୍ନ ଶର୍ମା। ପଥର କଟାଯିବା ପରେ ସାଙ୍ଗି ମାଧ୍ୟମରେ ପଥର ବୁହାହେଲା ବିରୁଡ଼ିନାଳିଆ ପାଖକୁ। ବିରୁଡ଼ିନାଳିଆରୁ ଭସାଣଦଣ୍ଡାକୁ ଆଉ ଏକ ଦଣ୍ଡା ବା କେନାଲ ଥିଲା। ତାକୁ କୁହାଯାଉଥିଲା ମହାନଦୀନାଳିଆ। ନୀଳଗିରିରୁ ଜଳପଥରେ ପଥର ଆଣିବା ସହଜ ନ ଥିଲା। ସେଥିପାଇଁ ବହୁ ପୂର୍ବରୁ ପ୍ରସ୍ତୁତି ସରିଥିଲା। ମହାନଦୀନାଳିଆ ସଂଯୋଗ ହୋଇଥିଲା ଭଷାଣଦଣ୍ଡା ସହିତ। ଭଷାଣଦଣ୍ଡା ଦେଇ ଚାପ ପହଞ୍ଚିଥିଲା 'ବାହାରିଆଜୋର'ରେ। ବାହାରିଆ ଜୋରରୁ ଚିତ୍ରୋପ୍ଳା ଗଣ୍ଡ, ସେଠାରୁ ସୋଲ ନଦୀ। ସୋଲ ନଦୀ ଗଣ୍ଡରୁ ଉଦିପୁର ଦଣ୍ଡା, ତା'ପରେ ପଦ୍ମତୋଳା ଗଣ୍ଡ।

ବିରୁଡିନାଳିଆ, ମହାନଦୀନାଳିଆ, ଭସାଣଦଣ୍ଡା, ବାହାରିଆ ଜୋର, ଚିତ୍ରୋପ୍ଳା ଗଣ୍ଡ, ସୋଲ ନଦୀ ଗଣ୍ଡ, ଉଦିପୁର ଦଣ୍ଡା, ପଦ୍ମତୋଳା ଗଣ୍ଡ। ସାତୋଟି ଜଳପଥ ଦେଇ ଚାପଦଳେଇ ଚାପରେ ପହଞ୍ଚେଇବା ପରେ ସେତେବେଳେ ନେଇଥିଲେ ୧୩୦ ମାଢ଼ ସୁନା। ଅନ୍ୟ ଖର୍ଚ୍ଚ ୧୬୬ ମାଢ଼। ଚାଉଳ ଏବଂ ଅନ୍ୟାନ୍ୟ ଆବଶ୍ୟକ ଦ୍ରବ୍ୟ ଯୋଗାଇଥିଲେ ରେମୁଡ଼ା ଦଣ୍ଡପାଟର ମୁଖିଆ। ପଥୁରିଆ, ଦଳପତି ଓ ଚାପଦଳେଇଙ୍କୁ ସାଧାରଣ ଲୋକେ ସାହାଯ୍ୟ ଓ ସହଯୋଗ କରି ନ ଥିଲେ ଏତେ ଶୃଙ୍ଖଳିତ ଭାବରେ କୌଣସି ଅଘଟଣ ନ ଘଟି ସୁବିଧାରେ ଆସି ପଥର ପଦ୍ମତୋଳା ଗଣ୍ଡରେ ପହଞ୍ଚିପାରି ନ ଥାନ୍ତା।

ନୀଳଗିରିରୁ ପଥର ଆସି ପହଞ୍ଚିବା ପରେ ବାଣେଶ୍ୱରନାସୀରୁ ପଥର ଆସିଥିଲା। ବାଣେଶ୍ୱରନାସୀ ଅଞ୍ଚଳ ବଡ଼ମ୍ବା-ନରସିଂହପୁର ଗଡ଼ଜାତ ଅଞ୍ଚଳରେ ଅବସ୍ଥିତ। ବାଣେଶ୍ୱରନାସୀର ସିଦ୍ଧିଦୁର୍ଗା ପାହାଡ଼ରୁ ବାଲିଆ ହଳଦିଆ ସାହାଣ ପଥର ୭୩୦ ଖଣ୍ଡ ଆସିଥିଲା। ମହାନଦୀ କୂଳରେ ଏହି ପାହାଡ଼ ଅବସ୍ଥିତ। ଦେବୀ ଭଟ୍ଟାରିକାଙ୍କ ପୀଠଠାରୁ ଅଳ୍ପ ଦୂରରେ। ଏହି ପାହାଡ଼ରେ ରହିଛି ପ୍ରଜ୍ଞା-ପାରମିତା ପୀଠ। ବୌଦ୍ଧ ଧାରାର ମହାନ୍ ସାଧିକା ପ୍ରଜ୍ଞାପାରମିତା ଏହି ପାହାଡ଼ରେ ସାଧନା କରିଥିବାର ଐତିହ୍ୟ ରହିଛି। ପାହାଡ଼ର ପାଦଦେଶରେ ରହିଥିଲା 'ବୁଦ୍ଧେଶ୍ୱର ଗାଁ'। ଏଇ ଗାଁରେ ଶିବିର ପଡ଼ିଥିଲା ୩ମାସ ୧୮ ଦିନ। ପଥୁରିଆମାନଙ୍କ ସହିତ ଦେଖାରଖା କରିବାକୁ ରହିଥିଲେ ମଧୁ ମହାରଣା ଓ ବୀର ଓଝା। ପଥର କଟାଳିଙ୍କ ମୁଖିଆ ବୀର ବଡ଼ଜେନା ତଦାରଖ ଦାୟିତ୍ୱରେ ଥିଲେ। ଶିବିର ଖର୍ଚ୍ଚ ସହିତ ମୋଟ ୧୨୬ ମାଢ଼ ସୁନା ଖର୍ଚ୍ଚ ହୋଇଥିଲା। ବଡ଼ବଡ଼ ଆକାରର ପଥର କାଟିବାକୁ ଅଲଗା ୭ ମାଢ଼ ସୁନା ଦିଆଯାଇଥିଲା। ଏହାକୁ ମିଶାଇ ୧୯ ଥର ପଥର ଆସିଲା କୋଣାର୍କକୁ।



ସିଦ୍ଧିଦୁର୍ଗା ପାହାଡ଼ରେ ଥିବା ପ୍ରଜ୍ଞା ପାରମିତା ପୀଠ। (ଫଟୋ: ଦେବ କୁମାର, ନରସିଂହପୁର)

## ଭୋଟ ଗଣତି କେନ୍ଦ୍ର ସମ୍ମୁଖରେ ଉତ୍ତେଜନା

ଗୁଡ଼ଭେଲା,(ଡି.ଏନ.ଏ.): ବଲାଙ୍ଗିରର ଜିଲା ଗୁଡଭେଲା ବ୍ଲକ କାର୍ଯ୍ୟାଳୟ ପରିସରରେ ରବିବାର ୬ନମ୍ବର ଜିଲା ପରିଷଦ ଜୋନର ଭୋଟ ଗଣତି ହେଉଥିବା ବେଳେ ସନ୍ଧ୍ୟାରେ ଉତ୍ତେଜନା ପ୍ରକାଶ ପାଇଥିଲା। ବିଜେଡି ପ୍ରାର୍ଥୀ ବିଜୟୀ ହୋଇଥିବା ପ୍ରଚାର ହେବା ପରେ ଭୋଟ କେନ୍ଦ୍ର ସମ୍ମୁଖରେ ଥିବା କଂଗ୍ରେସ କର୍ମୀମାନେ ହୋହଲ୍ଲା କରିଥିଲେ। ତୁଷୁରା ତହସିଲଦାର ରବିନ୍ଦ୍ର କୁମାର ପଟେଲ, ତୁଷୁରା ଥାନାଧିକାରୀ ସବ ପ୍ରଧାନ କଂଗ୍ରେସ କର୍ମୀଙ୍କ ସହ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ ଯେ, ଜିଲା ପରିଷଦ ଭୋଟ ଗଣତି ନେଇ ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇ ନଥିବା ବେଳେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଥିବା ପ୍ରଚାର ହୋଇଥିଲା ।

## ସଂକ୍ଷେପରେ

### ସ୍ତ୍ରୀ ଜିଲା ପରିଷଦ, ସ୍ୱାମୀ ସରପଞ୍ଚ

**ଭୋଟରଙ୍କ ମନ ଜିଣିଲେ ଦମ୍ପତି**


ବିଜୟୀ ଦମ୍ପତି।

**ଜୁନାଗଡ,୨୭।୨(ଡି.ଏନ.ଏ.):** ଚଳିତ ପଞ୍ଚାୟତ ନିର୍ବାଚନ ଫଳାଫଳରେ କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଚୈଗୁଡା ଗ୍ରାମର ଏକ ଦମ୍ପତି ସ୍ଥାନୀୟ ଅଞ୍ଚଳରେ ଭଲ ପାଇବା ମାଧ୍ୟରେ ଅଧିକ ଭୋଟରଙ୍କ ଆକୃଷ୍ଟ କରି ତାଙ୍କ ମନ ଜିଣି ଏବେ ଚର୍ଚ୍ଚାକୁ ଆସିଛନ୍ତି। ଫଳସ୍ୱରୁପ ସ୍ତ୍ରୀ ଜିଲା ପରିଷଦ ଓ ସ୍ୱାମୀ ନିର୍ଦ୍ୱନ୍ଦ୍ୱରେ ସରପଞ୍ଚ ହେବା ଏହାକୁ ପ୍ରମାଣିତ କରୁଛି। ସେମାନେ ହେଲେ ଜୁନାଗଡ ବ୍ଲକ ଆଟିଗାଁ ୧ ନଂ ଜୋନ୍‌ର ବିଜେଡି ଜିଲା ପରିଷଦ ପ୍ରାର୍ଥିନୀ ସୁଧିରା ମେହେର ଓ ତାଙ୍କ ସ୍ୱାମୀ ଚିଚୈଗୁଡା ପଞ୍ଚାୟତରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ସରପଞ୍ଚ ପରମେଶ୍ୱର ମେହେର। ଉତ୍ତମ ବ୍ୟବହାର ସହ ବିକାଶ ମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱ ଦେଉଥିବାରୁ ଉଭୟ ସ୍ୱାମୀ ଓ ସ୍ତ୍ରୀ ଅଞ୍ଚଳରେ ଏବେ ଅଞ୍ଚଳରେ ଏବେ ବେଶ୍ ଜଣାଶୁଣା। ଏହି ବିଜୟ ଲୋକଙ୍କ ଭଲ ପାଇବାର ବିଜୟ ଓ ଆଗାମୀ ଦିନରେ ମଧ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ନେତୃତ୍ୱରେ ଅଞ୍ଚଳରେ ଅଧିକରୁ ଅଧିକ ବିକାଶ ମୂଳକ କାର୍ଯ୍ୟ କିପରି ହେବ ସେ ନେଇ ଚେଷ୍ଟା କରିବୁ ବୋଲି ଉଭୟ ଦମ୍ପତି ପ୍ରକାଶ କରିଛନ୍ତି।

### ସାମ୍ବାଦିକରୁ ପ୍ରଭାକର ଏବେ ସରପଞ୍ଚ


ପ୍ରଭାକର ସେଠୀ ନୂତନ ସରପଞ୍ଚ।

**ଜୁନାଗଡ,୨୭।୨(ଡି.ଏନ.ଏ.):** ଚଳିତ ପଞ୍ଚାୟତ ନିର୍ବାଚନରେ କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ପଲାସ ପଞ୍ଚାୟତର ସରପଞ୍ଚ ଭାବେ ବରିଷ୍ଠ ଖବରଦାତା ପ୍ରଭାକର ସେଠି ବିଜୟୀ ହୋଇଛନ୍ତି। ଗତ ୨ଦଶନ୍ଧି ଧରି ଖବରଦାତା ସେଠି ନିଜ କଲମ ମାଧମରେ ଅଞ୍ଚଳର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଦିଗରେ ଉପସ୍ଥାପନା କରି ଲୋକଙ୍କ ପ୍ରିୟ ଭାଜନ ହୋଇଥିଲେ। ଚଳିତ ପଞ୍ଚାୟତ ନିର୍ବାଚନରେ ସେ ପଲାସ ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଥିଲେ। ସ୍ଥାନୀୟ ଲୋକଙ୍କ ଭଲପାଇବା ହିଁ ତାଙ୍କୁ ବିଜୟ କରିଥିବା ସେ ପ୍ରକାଶ କରିଛନ୍ତି। ସାମ୍ବାଦିକରୁ ଏବେ ସରପଞ୍ଚ ନୂତନ କ୍ୟାରିୟର ବିଷୟରେ ପଚାରିବାରୁ ସେତେବେଳେ ମଧ ଲୋକଙ୍କ ସମସ୍ୟା ବୁଝୁଥିଲି ଓ ସମାଧାନ କରୁଥିଲି। ଏବେ ମଧ ନୂତନ ଦାୟିତ୍ୱ ଗ୍ରହଣ କରିବା ପରେ ସମାନ କାମ କରି ଦେଖାଇବି ବୋଲି କହିଥିଲେ। ସେହିପରି ପଲାସ ପଞ୍ଚାୟତକୁ ଜିଲାରେ ଏକ ଉନ୍ନତ ମାନର ଆପଞ୍ଚାୟତ ଭାବେ ଗଢି ତୋଳିବା ମୋର ମୂଳ ଲକ୍ଷ୍ୟ ବୋଲି ସେ କହିଛନ୍ତି।

# ସୁବର୍ଣ୍ଣପୁର: ଜିଲା ପରିଷଦ ଗଢ଼ିବ ବିଜେଡି

**ସୋନପୁର,୨୭।୨(ନି.ପ୍ର.)**


ସପାରୁ ଠେଲା


ସସ୍ମିତା ମହାନ୍ତି


ପ୍ରମିଳା କଲତା


ବିଜୟଲକ୍ଷ୍ମୀ ତରାଇ


ଲବ କୁମାର ସାହୁ

- ଫଳାଫଳ ନିରାଶ କରିଛି: ଜିଲା ଭାଜପା ସଭାପତି
- ଦଳକୁ ସଂଗଠିତ କରି ଲୋକଙ୍କ ବିଶ୍ୱାସ ଜିତିବାକୁ ଚେଷ୍ଟା କରିବୁ: କଂଗ୍ରେସ
- ବିକାଶମୂଳକ କାର୍ଯ୍ୟ ବିଜୟର ଚାବିକାଠି:ବିଜେଡି

ଶନିବାର ପ୍ରଥମ ଦିନ ଗଣତିରେ ସୁବର୍ଣ୍ଣପୁର ଜିଲାରେ ବିଜେଡି ବାଜିମାତ କରିଛି। ମୋଟ ୬ଟି ଜୋନରୁ ବିଜେଡି ୪, ଭାଜପା ଓ କଂଗ୍ରେସ ଗୋଟିଏ ଲେଖାଏ ଆସନରେ ବିଜୟ ଲାଭ କରିଛନ୍ତି। ୨୦୧୭ ପଞ୍ଚାୟତ ନିର୍ବାଚନରେ ଏହି ୬ଟି ଜୋନରୁ ଭାଜପା ୫ଟିରେ ଓ ବିଜେଡି ମାତ୍ର ଗୋଟିଏ ଜୋନ୍‌ରେ ବିଜୟ ଲାଭ କରିଥିଲା।

ସୁବର୍ଣ୍ଣପୁର ଜିଲାର ସୋନପୁର ବ୍ଲକ ୧୨ ନମ୍ବର ଜୋନର ବିଜେଡି ଜିଲା ପରିଷଦ ପ୍ରାର୍ଥୀନୀ ସସ୍ମିତା ମହାନ୍ତି ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ସୌଦାମିନୀ ତରିଆଙ୍କୁ ୪୫୭୯ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ତରଭା ବ୍ଲକ ୬ ନମ୍ବର ଜୋନରେ ବିଜେଡି ପ୍ରାର୍ଥୀନୀ ଅଞ୍ଜଳି କମ୍ପ ୭୯୨୮ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଡୁଙ୍ଗୁରିପାଲି ବ୍ଲକ ୩ ନମ୍ବର ଜୋନରେ ବିଜେଡି ପ୍ରାର୍ଥୀନୀ ସୁପାର ଠେଲା ୧୦୪୬୧ ଖଣ୍ଡ ଭୋଟ ବ୍ୟବଧାନରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ପ୍ରଭାତି କୁମ୍ଭାରଙ୍କୁ ପରାସ୍ତ କରିଛନ୍ତି। ଗତ ନିର୍ବାଚନରେ ଏହି ଜୋନରେ ଭାଜପାର ରୁଦ୍ର କିଶୋର ମହଲା ବିଜୟୀ ହୋଇ ଜିଲା ପରିଷଦ ଉପାଧ୍ୟକ୍ଷା ହୋଇଥିଲେ। ୮ ନମ୍ବର ଜୋନ ବିନିକା ବ୍ଲକରେ ଭାଜପା ପ୍ରାର୍ଥିନୀ ପ୍ରମିଳା କଲତା ମାତ୍ର ୧୦୦ଖଣ୍ଡ ଭୋଟ ବ୍ୟବଧାନରେ ବିଜେଡି ପ୍ରାର୍ଥୀନୀ ଅରୁଣା ହରିପାଲଙ୍କୁ ପରାସ୍ତ କରିଛନ୍ତି। ୧ ନମ୍ବର ଜୋନ ଉଲୁଣ୍ଡାରେ ବିଜେଡି ପ୍ରାର୍ଥୀନୀ ବିଜୟଲକ୍ଷ୍ମୀ ତରାଇ ୭୧୨୩ ଖଣ୍ଡ ଭୋଟ ବ୍ୟବଧାନରେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ଯାଜ୍ଞସେନୀ ସୁନାଙ୍କୁ ପରାସ୍ତ କରିଛନ୍ତି। ୧୦ନମ୍ବର ଜୋନ ବୀରମହାରାଜପୁରରେ ଜାତୀୟ କଂଗ୍ରେସ ଦଳର ପ୍ରାର୍ଥୀ ଲବ କୁମାର ସାହୁ ୨୪୨୭ ଖଣ୍ଡ ଭୋଟ ବ୍ୟବଧାନରେ ବିଜେଡି ପ୍ରାର୍ଥୀ ରଞ୍ଜିତ କୁମାର ରଥଙ୍କୁ ପରାସ୍ତ କରିଛନ୍ତି। ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଏହି ଜୋନରେ ଭାଜପା ପ୍ରାର୍ଥୀନୀ ଉଷା କୁମାରୀ ବିଜୟୀ ହୋଇ ପରବର୍ତ୍ତୀ ସମୟରେ ଜିଲା ପରିଷଦ ଅଧକ୍ଷ ଭାବେ ନିର୍ବାଚିତ ହୋଇଥିଲେ।

ଭାଜପା ଗତ ନିର୍ବାଚନରେ ବିପୁଳ ଭୋଟ ପାଇ ବିଜୟ ଲାଭ କରିଥିବା ବେଳେ ଦଳ କୌଣସି ଜିଲା ପରିଷଦ ସଭ୍ୟଙ୍କୁ ଚଳିତ ଥର ଟିକେଟ ପ୍ରଦାନ କରିନାହିଁ। ଏପରିକି ଜିଲା ପରିଷଦ ଅଧକ୍ଷାଙ୍କ ଜୋନରେ ଭାଜପା ୩ ନମ୍ବର ସ୍ଥାନରେ ରହିଛି। ବଲାଙ୍ଗୀର ଏମ୍‌ପି ସଙ୍ଗୀତା ସିଂହଦେଓ ଦଳୀୟ ଜିଲା ପରିଷଦ ପ୍ରାର୍ଥୀଙ୍କ ପ୍ରଚାର ପାଇଁ ସେତେଟା ସମୟ ଦେଇନଥିବା ଅଭିଯୋଗ ହୋଇଛି। ବରିଷ୍ଠ ନେତା ମାନେ ମଧ ପ୍ରଚାର କରି ନାହାନ୍ତି। ଭାଜପା ଦଳୀୟ ପ୍ରାର୍ଥୀଙ୍କୁ ନିର୍ବାଚନରେ ଠିକ୍‌ଭାବେ ସହାୟତା କରି ନଥିବା ଓ ଦଳର ଷ୍ଟାର ପ୍ରଚାରକ ଜିଲାକୁ ପ୍ରଚାର ପାଇଁ ନ ଆସିବା ଏବଂ ଗୋଷ୍ଠୀ କନ୍ଦଳ ଦଳକୁ କାଳ ହୋଇଥିବା ଅଭିଯୋଗ ହୋଇଛି। ଦଳର ବିପର୍ଯ୍ୟୟ ସମ୍ପର୍କରେ ଭାଜପା ଜିଲା ସଭାପତି ପ୍ରମୋଦ କୁମାର ମହାପାତ୍ର କୁହନ୍ତି, କାର୍ଯ୍ୟକର୍ତ୍ତାଙ୍କ ମତାମତ ଆଧାରରେ ଟିକେଟ ଦିଆଯାଇଥିଲା। ଆମେ ଭଲ ପ୍ରଦର୍ଶନ ଆଶା ରଖିଥିଲୁ। ମାତ୍ର ଫଳାଫଳ ଆମକୁ ନିରାଶ କରିଛି। ଦଳୀୟ ସ୍ତରରେ ପରାଜୟର ସମୀକ୍ଷା କରାଯିବ। କଂଗ୍ରେସର ବରିଷ୍ଠ ନେତା ଜିତେନ୍ଦ୍ର ପଟ୍ଟନାୟକ କୁହନ୍ତି, ଗତ ନିର୍ବାଚନରେ ଆମେ ଖାତା ଖୋଲି ପାରି ନଥିଲୁ। କିନ୍ତୁ ଚଳିତ ଥର ଗୋଟିଏ ଜୋନରେ ବିଜୟ ଲାଭ କରିବା ସହ ଅନ୍ୟ ୨ ରୁ ୩ଟି ଜୋନରେ ଭଲ ଭୋଟ ପାଇଛୁ। ଆଗାମୀ ଦିନରେ ଦଳକୁ ତୃଣମୂଳସ୍ତରରେ ସଂଗଠିତ କରି ଲୋକଙ୍କ ବିଶ୍ୱାସ ଜିତିବାକୁ ଚେଷ୍ଟା କରିବୁ। ତେବେ ବିଜେଡି ଦଳର ପ୍ରଦର୍ଶନରେ ସନ୍ତୋଷ ପ୍ରକାଶ କରିଛନ୍ତି ଜିଲା ସଭାପତି ସରୋଜ କୁମାର କମ୍ପ। କମ୍ପ କହିଥିଲେ ନବୀନ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଓ ଜିଲାର ୨ ବିଧାୟକ ତଥା ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏବଂ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ବିକାଶମୂଳକ କାର୍ଯ୍ୟକୁ ନେଇ ଭୋଟ ଭିକ୍ଷା କରିଥିଲୁ। ଆମେ ୧୩ ରୁ ୧୩ ଜୋନରେ ବିଜୟୀ ହେବୁ ବୋଲି ଆଶା କରିଥିଲୁ। ତେବେ କୌଣସି କାରଣରୁ ୨ଟି ଜୋନ ଅଳ୍ପ ଭୋଟ ବ୍ୟବଧାନରେ ହାତଛଡା ହୋଇଛି।

## ଜୟଶ୍ରୀ ଉଇଁଷାଲ ଲାଠୋର ସରପଞ୍ଚ ନିର୍ବାଚିତ

**ଲାଠୋର, ୨୭।୨(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଜିଲା ପରିଷଦ ଜୋନ୍ ୩ରେ ବିଜେଡି ପ୍ରାର୍ଥିନୀ ସଂଯୁକ୍ତା ମେହେର ବିଜୟୀ ହୋଇଛନ୍ତି। ସେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ପାୟଲ ଅଗ୍ରୱାଲଙ୍କୁ ୧୩୮୭ ଖଣ୍ଡ ଭୋଟରେ ହରାଇ ବିଜୟୀ ହୋଇଛନ୍ତି। ସେହିପରି ଲାଠୋର ସରପଞ୍ଚ ଭାବେ ଜୟଶ୍ରୀ ଉଇଁଷାଲ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସଙ୍ଗୀତା ମେହେରଙ୍କୁ ୧୪୧୨ ଖଣ୍ଡ ଭୋଟରେ ହରାଇଛନ୍ତି। ସମିତି ସଭ୍ୟା ଭାବେ ଉଜଳି ମେହେର ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସଙ୍ଗୀତା ସୁନାଙ୍କୁ ୩୬୧ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ବେନ୍ଦେର ପଞ୍ଚାୟତ ସରପଞ୍ଚ ଭାବେ ସସ୍ମିତା ମାଝି ନିକଟତମ ପ୍ରତିଦ୍ୱନ୍ଦ୍ୱୀ ମଲିକା ପଧାନଙ୍କୁ ୬୦ଭୋଟରେ ହରାଇ ବାଜି ମାରିଛନ୍ତି। ସମିତି ସଭ୍ୟା ଭାବେ ରୁକୁଣି ମଲ୍ଲିକ ବିଜୟୀ ହୋଇଛନ୍ତି। ସେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବାସମତି ବରିହାଙ୍କୁ ୭୫ ଖଣ୍ଡ ଭୋଟରେ ପରାଜିତ କରିଛନ୍ତି। କରୁଆଝର ପଞ୍ଚାୟତ ସରପଞ୍ଚ ଭାବେ ଜପସ୍ୱିନୀ ସାହୁ ବିଜୟୀ ହୋଇଛନ୍ତି। ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପ୍ରତ୍ୟାଶୀ ଖେଲବତୀ ଭୋଇଙ୍କୁ ସେ ୧୯୮ ଖଣ୍ଡ ଭୋଟରେ ପରାଜିତ କରିଛନ୍ତି। ସମିତି ସଭ୍ୟ ଭାବେ ସନ୍ତୋଷ ତାଣ୍ଡି ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଘନଶ୍ୟାମ ସରାଫ୍‌ଙ୍କୁ ୫୮ ଖଣ୍ଡ ଭୋଟରେ ପରାଜିତ କରି ଜିତାପଟ ହାସଲ କରିଛନ୍ତି। ଟଙ୍କପାଣି ପଞ୍ଚାୟତ ସରପଞ୍ଚ ଭାବେ ସୁନାଫୁଲ ବାଗ ୧୧୫ଖଣ୍ଡ ଭୋଟରେ ମଥୁରା ବିଶ୍ୱାଳଙ୍କୁ ହରାଇଛନ୍ତି। ସମିତି ସଭ୍ୟା ଭାବେ ଦେବେନ୍ଦ୍ରୀ ବିଶ୍ୱାଳ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ମିଥିଲା କୁମାରୀ ପଟ୍ଟନାୟକଙ୍କୁ ୧୫୮ ଖଣ୍ଡ ଭୋଟରେ ପରାଜିତ କରି ବିଜୟୀ ହୋଇଛନ୍ତି।

# କମ୍ ଭୋଟ ବ୍ୟବଧାନରେ ବିଜୟ

**ଗୁଡ୍‌ଭେଲା,୨୭।୨(ଡି.ଏନ.ଏ.)**

**ସରପଞ୍ଚ, ସମିତି ସଭ୍ୟ ଫଳାଫଳ ପ୍ରକାଶିତ**

ବଲାଙ୍ଗୀର ଜିଲା ଗୁଡ୍‌ଭେଲା ବ୍ଲକ ୫ନମ୍ବର ଜିଲା ପରିଷଦ ସଭ୍ୟ ଭାବେ ବିଜେଡିର ପ୍ରଦୀପ କୁମାର ପଣ୍ଡା ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ଅକ୍ଷୟ କୁମାର ମାଝିଙ୍କୁ ୧୯୪୭ ଖଣ୍ଡ ଭୋଟ୍‌ରେ ହରାଇ ଦେଇଛନ୍ତି। ପଣ୍ଡାଙ୍କୁ ୫୮୦୪ ଖଣ୍ଡ ଭୋଟ ମିଳିଥିବା ବେଳେ ଭାଜପା ପ୍ରାର୍ଥୀ ମାଝିଙ୍କୁ ୩୮୫୭ ଏବଂ କଂଗ୍ରେସର ପ୍ରତ୍ୟାଶୀ ମହୋନାଗଙ୍କୁ ୨୭୮୭ ଭୋଟ ମିଳିଛି। ୩୩୩ଟି ଭୋଟ୍ ନାକଚ ହୋଇଯାଇଛି।

ସେହିପରି ନୂଆପଡ଼ା, ବଡ଼ଙ୍ଗୋମୁଣ୍ଡା, ସମରା, ରୁଷୁଡା ଓ ଚିଞ୍ଚଡ଼ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟଙ୍କ ଫଳାଫଳ ପ୍ରକାଶ ପାଇଛି। ନୂଆପଡା ପଞ୍ଚାୟତର ସମିତି ସଭ୍ୟ ଭାବେ ସତ୍ୟବାନ କୁଅଁର(୧୩୯୮ଭୋଟ) ବିଜୟୀ ହୋଇଛନ୍ତି। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସବିତା କୁଅଁର ୧୩୫୯ ଖଣ୍ଡ ଭୋଟ ପାଇଛନ୍ତି। ବିଜୟ ବ୍ୟବଧାନ ରହିଛି ୩୯। ଉକ୍ତ ପଞ୍ଚାୟତର ସରପଞ୍ଚ ଭାବେ କୁଞ୍ଜବିହାରୀ ସାହୁ ୧୩୩୫ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସୁଶାନ୍ତ ମେହେରଙ୍କୁ ୧୦ଖଣ୍ଡ ଭୋଟରେ ହରାଇ ଦେଇଛନ୍ତି। ସୁଶାନ୍ତଙ୍କୁ ମିଳିଛି ୧୩୨୫ ଖଣ୍ଡ ଭୋଟ। ବଡ଼ଙ୍ଗୋମୁଣ୍ଡା ପଞ୍ଚାୟତର ସମିତି ସଭ୍ୟା ପ୍ରାର୍ଥୀ ସୌରେନ୍ଦ୍ରୀ ସୁନା ୧୧୭୬ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଜୟଶ୍ରୀ ହରପାଲଙ୍କୁ ୩୫୩ ଖଣ୍ଡ ଭୋଟରେ ପରାଜିତ କରିଛନ୍ତି। ଜୟଶ୍ରୀଙ୍କୁ ୮୨୩ ଭୋଟ ମିଳିଛି। ସେହିପରି ବଡ଼ଙ୍ଗୋମୁଣ୍ଡା ପଞ୍ଚାୟତର ସରପଞ୍ଚ ଭାବେ ଚମ୍ପି ବାରିକ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପ୍ରତ୍ୟାଶୀ ଦମୟନ୍ତୀ ନାଗଙ୍କୁ ୧୪ଖଣ୍ଡ ଭୋଟ ବ୍ୟବଧାନରେ ହରାଇ ବିଜୟୀ ହୋଇଛନ୍ତି। ଚମ୍ପିଙ୍କୁ ୮୬୮ ଖଣ୍ଡ ଭୋଟ ମିଳିଥିବା ବେଳେ ଦମୟନ୍ତୀଙ୍କୁ ମିଳିଛି ୮୫୪ ଖଣ୍ଡ ଭୋଟ। ସମରା ପଞ୍ଚାୟତର ସମିତି ସଭ୍ୟା ଭାବେ ପୁଷ୍ପାଞ୍ଜଳି କୁଅଁର ୧୧୧୯ ଭୋଟ ପାଇ ବିଜୟୀ ହୋଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଗିରିଶ ସେଠ୍‌ଙ୍କୁ ମିଳିଛି ୮୫୪ ଭୋଟ। ଭୋଟ ବ୍ୟବଧାନ ରହିଛି ୨୬୫। ସେହିପରି ସମରା ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ଗୁଲାପ ସେଠ(୧୭୪୪) ନିଜ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପ୍ରତ୍ୟାଶୀ ମନୋଜ ନାଏକ(୨୫୯)ଙ୍କଠାରୁ ୧୪୮୫ଟି ଭୋଟରେ ବିଜୟୀ ହୋଇଛନ୍ତି। ୫୮ଟି ଭୋଟ୍ ନାକଚ ହୋଇଛି। ରୁଷୁଡା ପଞ୍ଚାୟତର ସମିତି ସଭ୍ୟ ଭାବେ ଟିଙ୍କୁ ପାଣିଗ୍ରାହୀ ୧୯୧୧ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ନିକଟତମ ପ୍ରତିଦ୍ୱନ୍ଦ୍ୱୀ ରାମରଞ୍ଜନ ଥନାପତଙ୍କୁ ମିଳିଛି ୧୬୦୭ ଭୋଟ। ଭୋଟ ବ୍ୟବଧାନ ୩୦୪ ଥିବା ବେଳେ ୧୭୭ଟି ନାକଚ ହୋଇଛି। ସେହିପରି ରୁଷୁଡା ପଞ୍ଚାୟତର ସରପଞ୍ଚ ଭାବେ କୈଳାସ ବେହେରା ବିଜୟୀ ହୋଇଛନ୍ତି। ତାଙ୍କୁ ମିଳିଛି ୨୯୭୨ ଭୋଟ। ନିକଟତମ ପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି ସୁପ୍ରିୟା ନାଗ। ତାଙ୍କୁ ୬୪୧ ଭୋଟ ମିଳିଛି। ଭୋଟ ବ୍ୟବଧାନ ୨୩୩୧ ଥିବା ବେଳେ ୧୩୩ଟି ନାକଚ ହୋଇଛି । ଚିଞ୍ଚଡ଼ ପଞ୍ଚାୟତର ସମିତି ସଭ୍ୟା ଭାବେ ଚମ୍ପେଶ୍ୱରୀ ଭୋଇ ୯୦୪ ଭୋଟ ପାଇଁ ଜିତାପଟ ହାସଲ କରିଛନ୍ତି। ପ୍ରତିଦ୍ୱନ୍ଦ୍ୱୀ ହେମବନ୍ତୀ ଜାନିଙ୍କୁ ୮୩୨ ଭୋଟ ମିଳିଛି। ସେହିପରି ଚିଞ୍ଚଡ଼ ପଞ୍ଚାୟତ ସରପଞ୍ଚ ଭାବେ ଡୋଲନ୍ତି ନାଗ ବିଜୟୀ ହୋଇଛନ୍ତି। ତାଙ୍କୁ ୭୩୨ ଭୋଟ ମିଳିଛି। ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପ୍ରତ୍ୟାଶୀ ଧୁବନୀ ରଣାଙ୍କୁ ମିଳିଛି ୫୦୨ ଭୋଟ। ୨୩୦ଟି ଭୋଟରେ ବିଜୟୀ ହୋଇଥିବା ବେଳେ ୩୮ ଭୋଟ ନାକଚ ହୋଇଥିବା ଫଳାଫଳ ଘୋଷଣାରୁ ଜଣାପଡ଼ିଛି।

# ଲୋଇସିଂହାରେ ଭାଜପାକୁ ଶକ୍ତ ଧକ୍କା

**ଲୋଇସିଂହା,୨୭।୨(ଡି.ଏନ.ଏ.)**

- ଭାଜପା ବିଧାୟକ ଥାଇ ବି ଦଳ ରହିଲା ତୃତୀୟ ସ୍ଥାନରେ
- ଲୋଇସିଂହା ୩୩ ଓ ଆଗଲପୁର ୧ ନଂ ଜୋନରେ ବିଜେଡି ପ୍ରାର୍ଥୀ ବିଜୟୀ


ଲିଲିମା ବେହେରା


ଲିଲିମା ବେହେରା

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀରେ ରହିଛନ୍ତି ଭାଜପା ବିଧାୟକ ମୁକେଶ ମହାଲିଙ୍ଗ। ହେଲେ ଶନିବାର ଘୋଷିତ ଏହି ନିର୍ବାଚନ ମଣ୍ଡଳୀ ଅଧୀନ ୨ଟିଯାକ ଜିଲା ପରିଷଦ ଜୋନରେ ଦଳୀୟ ପ୍ରାର୍ଥୀ ବହୁ ଭୋଟରେ ହାରି ଯାଇଛନ୍ତି। ଖାଲି ସେତିକି ନୁହେଁ, ଭାଜପା ପ୍ରାର୍ଥୀ ଉଭୟ ଜୋନରେ ଘୋଷିତ ଫଳାଫଳ ଅନୁଯାୟୀ ତୃତୀୟ ସ୍ଥାନରେ ରହିଛନ୍ତି। କଂଗ୍ରେସ ଦ୍ୱିତୀୟ ସ୍ଥାନରେ ରହିଛି।

୩୩ନଂ ଜୋନରେ ବିଜେଡି ପ୍ରାର୍ଥୀ ଲିଲିମା ବେହେରା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ତନୟା ବେହେରାଙ୍କୁ ୨୫୧୦ଖଣ୍ଡ ଭୋଟରେ ପରାଜିତ କରିଛନ୍ତି। ଲିଲିମାଙ୍କୁ ୧୧୪୭୫ ଖଣ୍ଡ ଭୋଟ ମିଳିଥିବା ବେଳେ ତନୟଙ୍କୁ ୮୯୬୫ ଖଣ୍ଡ ଭୋଟ ମିଳିଛି। ଭାଜପା ପ୍ରାର୍ଥିନୀ ଲକ୍ଷ୍ମୀପ୍ରିୟା ମିଶ୍ର ୫୬୮୪ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି। ସ୍ୱାଧୀନ ପ୍ରାର୍ଥୀ ସୁଳୟା ମହାକୁଡ ୧୧୧୦ ଖଣ୍ଡ, ବିଏସ୍‌ପି ପ୍ରାର୍ଥୀ ଗନ୍ଧର୍ବ ନାଗ ୭୨୪ ଖଣ୍ଡ ଭୋଟ ପାଇଛନ୍ତି। ବୁର୍ଡା ପଞ୍ଚାୟତର ବୁଥ୍ ନମ୍ବର ୩ ନଂ ଓ ୫ ରେ ବିଏସପି ପ୍ରାର୍ଥୀ ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀଙ୍କଠାରୁ ଆଗରେ ରହିବା ଚର୍ଚ୍ଚାର ବିଷୟ ହୋଇଛି। ୨୦୧୭ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଦିଲୀପ ବେହେରାଙ୍କୁ ପରାସ୍ତ କରି ଭାଜପାର ସାଇଶଙ୍କର ସାହୁ ବିଜୟୀ ହୋଇଥିଲେ। ତୃତୀୟ ସ୍ଥାନରେ ବିଜେଡି ରହିଥିଲା ।

ସେହିପରି ଆଗଲପୁର ୧ ନଂ ଜୋନରେ କଂଗ୍ରେସ ପ୍ରାର୍ଥୀ ଗଣେଶ ସାହୁଙ୍କୁ ପରାସ୍ତ କରି ବିଜେଡି ପ୍ରାର୍ଥୀ ଦେବକୀ ସାହୁ ବିଜୟୀ ହୋଇଛନ୍ତି। ବିଜେଡି ପ୍ରାର୍ଥୀଙ୍କୁ ୧୩୮୪୭ ଖଣ୍ଡ ଭୋଟ ମିଳିଛି। କଂଗ୍ରେସ ପ୍ରାର୍ଥୀ ୧୦୯୫୯ ଏବଂ ଭାଜପା ପ୍ରାର୍ଥୀ ସମୀର ସିଂଦେଓ ୫୪୪୯ ଖଣ୍ଡ ଭୋଟ ପାଇଛନ୍ତି। ଗତଥର ଏହି ଜୋନରେ ଭାଜପାର ଭାରତୀ ମହାନନ୍ଦ ବିଜୟୀ ହୋଇ ଜିଲା ପରିଷଦ ଅଧକ୍ଷ ହୋଇଥିଲେ।

## ଲୋଇସିଂହା ବ୍ଲକରେ ବିଜୟୀ ସରପଞ୍ଚ, ସମିତି ସଭ୍ୟ

**ଲୋଇସିଂହା, ୨୭।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା କଲେଜ ପରିସରରେ ବ୍ଲକର ୩୩ନଂ ଜୋନ ଅଧୀନ ୯ଟି ପଞ୍ଚାୟତର ଭୋଟ ଗଣତି ଶେଷ ହୋଇଛି। ଲୋଇସିଂହା, ଯୋଗୀସର୍ଡା, ବୁଢ଼ୀପଦର, କୁଟେନପାଲି ପଞ୍ଚାୟତରେ ପୂର୍ବରୁ ସରପଞ୍ଚ ଥିବା ପ୍ରାର୍ଥୀମାନେ ବିଜୟ ହାସଲ କରିଛନ୍ତି। ବାଦିବାହାଲ ପଞ୍ଚାୟତ ସରପଞ୍ଚଭାବେ ପ୍ରଶାନ୍ତ ତ୍ରିପାଠୀ ୧୭୮୬ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସମିତି ସଭ୍ୟଭାବେ ଅଜିତ ବେହେରା ୧୩୨୫ ଖଣ୍ଡ ଭୋଟ ପାଇ ବିଜୟ ଟୀକା ପିନ୍ଧିଛନ୍ତି। ସେହିପରି ଲଗାତାର ଦ୍ୱିତୀୟ ଥର ବିଜୟୀ ହୋଇ ବୁଢ଼ୀପଦର ସରପଞ୍ଚ ହୋଇଛନ୍ତି ଲକ୍ଷ୍ମୀ ପଧାନ । ପାର୍ବତୀ ତ୍ରିପାଠୀ ଉକ୍ତ ପଞ୍ଚାୟତର ସମିତି ସଭ୍ୟ ନିର୍ବାଚିତ ହୋଇଛନ୍ତି। ବୁର୍ଡା ସରପଞ୍ଚ ଭାବେ ସୁଦୀପ କୁମାର ସା ବିଜୟୀ ହୋଇଛନ୍ତି। ସେ ୧୩୧୭ ଖଣ୍ଡ ଭୋଟ ପାଇଥିବାବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ରେବତୀ ସାହୁ ୫୯୦ ଭୋଟରେ ପରାସ୍ତ ହୋଇଛନ୍ତି। ସମିତି ସଭ୍ୟଭାବେ ୯୪୫ ଖଣ୍ଡ ଭୋଟ ପାଇ ସୁନୀଲ ଅଗ୍ରୱାଲ ନିର୍ବାଚିତ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଯୋଗେଶ୍ୱର ଚିନ୍ଦାଙ୍କୁ ୧୬୨ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ହୀରାପୁର ପଞ୍ଚାୟତ ସରପଞ୍ଚ ଭାବେ ରମାକାନ୍ତ ବିଶ୍ୱାଳ ୧୨୫୭ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସମିତି ସଭ୍ୟଭାବେ ଏକ କଡା ମୁକାବିଲାରେ ବ୍ଲକ ଉପାଧକ୍ଷ ଯତିନ୍ଦ୍ର ପଟେଲ ବିଜେଡି ଜିଲା ଯୁବ ଉପସଭାପତି ନୀତେଶ କୁମାର ଅଗ୍ରୱାଲଙ୍କୁ ୫୪ ଖଣ୍ଡ ଭୋଟରେ ପରାସ୍ତ କରି ନିର୍ବାଚିତ ହୋଇଛନ୍ତି।

୧୨ଶହ ଖଣ୍ଡ ଭୋଟ ପାଇ ଜାମିନୀ ମହାନନ୍ଦ କନ୍ଦାଜୁରୀ ପଞ୍ଚାୟତ ସରପଞ୍ଚଭାବେ ଏବଂ ୯୯୬ ଖଣ୍ଡ ଭୋଟ ପାଇ ସୁବାସିନୀ ନାଏକ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। କୁଶଙ୍ଗ ଗ୍ରାମ ପଞ୍ଚାୟତ ସରପଞ୍ଚଭାବେ ୧୯୯୦ ଖଣ୍ଡ ଭୋଟ ପାଇ ଗୀତାଞ୍ଜଳି ପଟେଲ ନିର୍ବାଚିତ ହୋଇଛନ୍ତି। ସେହିପରି ସମିତ ସଭ୍ୟଭାବେ ବିଜୟୀ ହୋଇଛନ୍ତି ସୁରେନ୍ଦ୍ର ଛତ୍ରିଆ। ତାଙ୍କୁ ୧୬୯୨ ଖଣ୍ଡ ଭୋଟ ମିଳିଛି। ସେହିପରି କୁଟେନପାଲି ପଞ୍ଚାୟତ ସରପଞ୍ଚଭାବେ ଉପାସିନୀ ପଟେଲ, ସମିତ ସଭ୍ୟଭାବେ ସୁଷମା ଧରୁଆ ବିଜୟୀ ହୋଇଛନ୍ତି। ଲୋଇସିଂହା ପଞ୍ଚାୟତ ସରପଞ୍ଚ ଭାବେ ନବ କିଶୋର ନାଏକ, ସମିତି ସଭ୍ୟଭାବେ ସୁଶୀଲ କୁମାର ପାଣ୍ଡେ ନିର୍ବାଚିତ ହୋଇଛନ୍ତି। ଯୋଗୀସର୍ଡା ସରପଞ୍ଚ ଭାବେ ବିଜୁଳି ପଧାନ ଓ ସମିତିସଭ୍ୟଭାବେ ଜୟକୁମାରୀ ଧରୁଆ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ।

# ବରଗଡ଼ ଜିଲା: ହାରିଲେ ୨ ପୂର୍ବତନ ଜିଲା ପରିଷଦ ଅଧକ୍ଷା

**ବରଗଡ଼ ଅଫିସ୍,୨୭।୨**


ଗୀତାଞ୍ଜଳି ପୁଟା


ମୁକ୍ତା ସାହୁ

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ୨ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ (ଭାଜପା) ଏବଂ ଗୀତାଞ୍ଜଳି ପୁଟା(ବିଜେଡ଼ି)ଙ୍କୁ ପରାଜୟ ସ୍ୱୀକାର କରିବାକୁ ପଡ଼ିଛି। ବରଗଡ଼ ଜୋନ୍-୧ରୁ ଭାଜପା ପ୍ରାର୍ଥିନୀ ମୁକ୍ତାଙ୍କୁ ବିଜେଡ଼ି ପ୍ରାର୍ଥିନୀ ପୁଷ୍ପା ଭୋଇ ୧୪୯୯ ଖଣ୍ଡ ଭୋଟ ବ୍ୟବଧାନରେ ହରାଇଛନ୍ତି। ପୁଷ୍ପାଙ୍କ ସପକ୍ଷରେ ୧୦, ୭୦୦ ଭୋଟ ପଡ଼ିଥିବା ବେଳେ ମୁକ୍ତାଙ୍କୁ ୯୨୦୧ ଭୋଟ ମିଳିଛି। ଚଳିତ ପଞ୍ଚାୟତ ଭୋଟ୍‌ରେ ପରାଜିତ ହୋଇଥିବା ମୁକ୍ତା ଗତ ୨୦୧୭ରେ ଭାଜପାରୁ ଲଢ଼ି ବିଜୟୀ ହେବା ସହିତ ଜିଲା ପରିଷଦ ଅଧ୍ୟକ୍ଷା ପଦବୀରେ ରହିଥିଲେ। ଅନୁରୂପ ଭାବେ ପାଇକମାଲ ଜୋନ-୧ରୁ ଅନ୍ୟ ଜଣେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ବିଜେଡ଼ି ପ୍ରାର୍ଥିନୀ ଗୀତାଞ୍ଜଳି ପୁଟାଙ୍କୁ ପରାଜିତ ହେବାକୁ ପଡ଼ିଛି। ଗୀତାଞ୍ଜଳିଙ୍କୁ ୫୮୫ ଖଣ୍ଡ ଭୋଟ ବ୍ୟବଧାନରେ ଭାଜପା ପ୍ରାର୍ଥିନୀ ତ୍ରିପୁରା ବରିହା ହରାଇଛନ୍ତି। ୨୦୧୨ ପଞ୍ଚାୟତ ଭୋଟରେ ଗୀତାଞ୍ଜଳି ବିଜେଡ଼ି ପ୍ରାର୍ଥିନୀ ଭାବେ ବିଜୟୀ ହେବା ସହିତ ସେତେବେଳେ ଜିଲା ପରିଷଦ ଅଧ୍ୟକ୍ଷ ହୋଇଥିଲେ। ୨ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷାଙ୍କ ଏଭଳି ପରାଜୟ ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।

# କୋକସରା ଜୋନ ୧ ନିର୍ବାଚନ ଫଳ ଘୋଷଣା

**କୋକସରା,୨୭।୨(ଡି.ଏନ.ଏ.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ କଳାହାଣ୍ଡି ଜିଲା କୋକସରା ବ୍ଲକର ୧ ନଂ. ଜିଲା ପରିଷଦ ଜୋନର ଫଳ ପ୍ରକାଶ ପାଇଛି। ଏହି ଜୋନରୁ ବିଜେଡି ପ୍ରାର୍ଥୀ ହେମନ୍ତ ମାଝି ବିଜୟୀ ହୋଇଛନ୍ତି। ବ୍ଲକର ୮ ପଞ୍ଚାୟତରେ ସମିତି ଓ ସରପଞ୍ଚଙ୍କ ମଧ୍ୟରେ ଆମପାଣି ପଞ୍ଚାୟତରୁ ସମିତି ନର୍କି ଦଣ୍ଡସେନା ଓ ସରପଞ୍ଚ ରୁକ୍ମଣୀ ବାଣୁଆ, ବଡ଼ପୋଡ଼ାଗୁଡା ପଞ୍ଚାୟତ ସମିତିରେ ଉମା ନାଏକ ଓ ସରପଞ୍ଚରେ ଯମୁନା ନାଏକ ବିଜୟୀ ହୋଇଛନ୍ତି। ବରାଡଙ୍ଗା ପଞ୍ଚାୟତରୁ ସମିତିରେ ଗୁପ୍ତେଶ୍ୱର ବାଗ ଓ ସରପଞ୍ଚରେ ନିରୁପମା ସେଠୀ, ଡୁଡୁକାଠେଙ୍ଗା ପଞ୍ଚାୟତ ସମିତିରେ ପାର୍ବତୀ ବାଗ, ସରପଞ୍ଚରେ ହରିପ୍ରିୟା ନାଗ, ଗୋତମୁଣ୍ଡା ପଞ୍ଚାୟତ ସମିତିରେ ଶାମୁକା ନାଏକ ଓ ସରପଞ୍ଚରେ ପଦ୍ମିନୀ ପୂଝାରୀ ବିଜୟୀ ହୋଇଛନ୍ତି। ସେହିପରି କାଉଡୋଲା ପଞ୍ଚାୟତ ସମିତିରେ ବୈଦେହୀ ବେଶ୍ରା ଓ ସରପଞ୍ଚରେ ଦେବୀସିଂ ତାଣ୍ଡି, ମହିମା ପଞ୍ଚାୟତ ସମିତି ଘନଶ୍ୟାମ ନାଏକ ଓ ସରପଞ୍ଚରେ ଇସରାମ କୋଲଥିଆ, ପୋଡ଼ାଗୁଡା ପଞ୍ଚାୟତ ସମିତିରେ ରାଜିବ ଖମାରୀ ଓ ସରପଞ୍ଚରେ ଜୟରାମ ନାଗ ବିଜୟୀ ହୋଇଥିବା ବ୍ଲକ ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ସୂଚନା ମିଳିଛି।

# ୪ ଆସନରୁ ଜିତିଲେ ୩ ପ୍ରାର୍ଥୀ

**ସୋନପୁର,୨୭।୨(ନି.ପ୍ର.)**

**ଚର୍ଚ୍ଚାରେ ଦେଉଳପଦର ଗାଁର ଗୌନ୍ତିଆ କମ୍ପ ପରିବାର**


ସୁପ୍ରଭା କମ୍ପ


ଅଞ୍ଜଳି କମ୍ପ


ସରୋଜ କମ୍ପ

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ରାଜନୀତିରେ ଦେଉଳପଦର ଗାଁର ଗୌନ୍ତିଆ କମ୍ପ ପରିବାରର ଦବଦବା ରହିଛି। ଚଳିତ ଥର ଏହି ପରିବାରର ୩ ଜଣ ନିର୍ବାଚନ ମଇଦାନରେ ଥିଲେ। ୩ ଜଣ ୪ଟି ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ଫଳାଫଳ ଉପରେ ସମସ୍ତଙ୍କ ନଜର ରହିଥିଲା। ତେବେ ପରିବାରର ସମସ୍ତେ ବିଜୟ ଲାଭ କରିଛନ୍ତି। ଜିଲାରେ ଏହା ଚର୍ଚ୍ଚାର ବିଷୟ ପାଲଟିଛି। ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦେଉଳପଦର ଗାଁ ଗୌନ୍ତିଆ(କମ୍ପ ପରିବାର)ର ୩ ଜଣ ସଦସ୍ୟ ଜିଲା ପରିଷଦ ସଦସ୍ୟ, ସରପଞ୍ଚ ଓ ସମିତି ସଭ୍ୟ ଭାବେ ବିଜୟୀ ହୋଇଛନ୍ତି। ପଞ୍ଚାୟତ ସମିତିର ଅଧ୍ୟକ୍ଷ ପଦକୁ ଆଖି ଆଗରେ ରଖି ସରୋଜ କୁମାର କମ୍ପ ବ୍ଲକର କଟାପାଲି ଓ ଜରାଜାରିଙ୍ଗ ପଞ୍ଚାୟତରେ ସମିତି ସଭ୍ୟଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ଉଭୟ ଆସନରେ ବିଜୟ ଲାଭ କରିଛନ୍ତି। ତାଙ୍କ ସ୍ତ୍ରୀ ଅଞ୍ଜଳି ଜିଲାର ୬ନମ୍ବର ତରଭା ବ୍ଲକ ଜିଲା ପରିଷଦ ଜୋନରୁ ବିଜେଡି ଟିକେଟ୍‌ରେ ଜିଲା ପରିଷଦ ପ୍ରାର୍ଥୀଭାବେ ବିଜୟୀ ହୋଇଛନ୍ତି। ସେହିପରି ସରୋଜଙ୍କ ଭାଉଜ ସୁପ୍ରିୟା ଚଳିତ ଥର ପୁଣି ଦେଉଳପଦର ପଞ୍ଚାୟତର ସରପଞ୍ଚ ଭାବେ ବିଜୟୀ ହୋଇଛନ୍ତି। ସରୋଜ ଏବେ ବିଜେଡିର ଜିଲା ସଭାପତି ଅଛନ୍ତି। ସେ ୧୯୯୨ରେ ପ୍ରଥମ ଥର ପାଇଁ ନିର୍ବାଚନ ଲଢି ଦେଉଳପଦର ପଞ୍ଚାୟତର ସମିତି ସଭ୍ୟ ହୋଇଥିଲେ। ତେବେ ୧୯୯୭ ମସିହାରେ ସେ କଂଗ୍ରେସ ଟିକେଟରୁ ଜିଲା ପରିଷଦ ପ୍ରାର୍ଥୀ ହୋଇ ପରାଜୟ ବରଣ କରିଥିଲେ। ତା ପରଠାରୁ ସେ ଆଉ ନିର୍ବାଚନରେ ହାରି ନାହାନ୍ତି। ୨୦୦୨ ମସିହାରେ ୱାର୍ଡସଭ୍ୟ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ପରବର୍ତ୍ତୀ ସମୟରେ ଦେଉଳପଦର ପଞ୍ଚାୟତର ନାଏବ ସରପଞ୍ଚ ହୋଇଥିଲେ। ୨୦୦୭ରେ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ୨୦୧୨ରେ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇ ତରଭା ପଞ୍ଚାୟତ ସମିତି ଅଧକ୍ଷ ହୋଇଥିଲେ। ୨୦୧୭ରେ ୭ ନମ୍ବର ତରଭା ଜିଲା ପରିଷଦ ଜୋନରୁ ବିଜେଡି ଟିକଟ୍‌ରେ ଜିଲା ପରିଷଦ ସଭ୍ୟଭାବେ ଲଢି ନିର୍ବାଚିତ ହୋଇଥିଲେ। ସରୋଜଙ୍କ ପତ୍ନୀ ଅଞ୍ଜଳି ୨୦୧୭ରେ ଦେଉଳପଦର ପଞ୍ଚାୟତର ସମିତି ସଭ୍ୟଭାବେ ନିର୍ବାଚିତ ହେବା ସହ ତରଭା ପଞ୍ଚାୟତ ସମିତି ଉପାଧକ୍ଷା ହୋଇଥିଲେ। ସରୋଜଙ୍କ ଭାଉଜ ସୁପ୍ରଭା ୨୦୦୨ ଓ ୨୦୧୭ରେ ଏହି ପଞ୍ଚାୟତର ସରପଞ୍ଚ ଭାବେ ନିର୍ବାଚିତ ହୋଇ ସାରିଛନ୍ତି। ସେହିପରି ସରୋଜଙ୍କ ବଡ ଭାଇ ସ୍ୱର୍ଗତ କୃଷ୍ଣ ମୋହନ କମ୍ପ ୧୯୮୪ ରୁ ୧୯୮୯ ପର୍ଯ୍ୟନ୍ତ ତରଭା ପଞ୍ଚାୟତ ସମିତି ଅଧକ୍ଷ ଥିଲେ।